# ମୁଁ ଜଣେ ମଣିଷ, ଭଗବାନ୍ ନୁହେଁ: ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ :ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ପୋଡ୍‌କାଷ୍ଟ ଜରିଆରେ ନିଜ ଜୀବନୀ ଓ ରାଜନୀତି ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ଜିରୋଧା ସହ ପ୍ରତିଷ୍ଠାତା ନିଖିଲ କାମାଥ୍‌ଙ୍କ ପୋଡ୍‌କାଷ୍ଟ ସିରିଜ୍ 'ପିପୁଲ୍ ବାଏ ଡବ୍ଲ୍ୟୁଟିଏଫ୍'ରେ ଜଣେ ଅତିଥି ଭାବେ ଉପସ୍ଥିତ ହୋଇ ମୋଦି ତାଙ୍କ ଜୀବନୀ, ଶିକ୍ଷା, ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା, ମୁଖ୍ୟମନ୍ତ୍ରିତ୍ୱ ସମୟ, ଭାରତର ବୈଷୟିକ ଅଗ୍ରଗତି, ସାମାଜିକ ଗଣମାଧ୍ୟମ, ରାଜନୀତି ଏବଂ ଔଦ୍ୟୋଗୀକରଣ ସହ ସେଗୁଡ଼ିକର ସାଦୃଶ୍ୟ ଆଦି ବିଭିନ୍ନ ପ୍ରସଙ୍ଗରେ ୨ ଘଣ୍ଟା ଧରି ଆଲୋଚନା କରିଥିଲେ । ବ୍ୟକ୍ତିଗତ ଅଭିଳାଷ ନୁହେଁ, ଜନସେବାକୁ ମିଶନ ଭାବେ ଗ୍ରହଣ କରିଥିବା ଲୋକେ ରାଜନୀତିରେ ଯୋଗ ଦେବା ଗୁରୁତ୍ୱପୂର୍ଣ୍ଣ । ରାଜନୀତିରେ ସଫଳତା ପାଇଁ ଲୋକଙ୍କ ସହ ଯୋଡ଼ିହୋଇ ରହିବା ଓ ତ୍ୟାଗ ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ନିଜର ଏକ ପୁରୁଣା ବକ୍ତବ୍ୟ ସମ୍ପର୍କରେ ମୋଦି କହିଛନ୍ତି, ମୁଁ ଜଣେ ମଣିଷ, ଭଗବାନ୍ ନୁହେଁ । ତେଣୁ ମୋର ଭୁଲ୍ ହୋଇପାରେ । ମୁଖ୍ୟମନ୍ତ୍ରୀ ଥିବାବେଳେ ମୋଦି ଏକଦା କହିଥିଲେ, ନିଜ ଉଦ୍ୟମରେ କୌଣସି ସୁଯୋଗ ହାତଛଡ଼ା ହେବାକୁ ଦେବେ ନାହିଁ । ସେ ନିଜ ପାଇଁ କିଛି କରିବେ ନାହିଁ ବୋଲି କହିବା ସହ ଜଣେ ମଣିଷ ହୋଇଥିବାରୁ ଭୁଲ୍ ହୋଇଯିବା ସ୍ୱାଭାବିକ ବୋଲି କହିଥିଲେ । ତେବେ ଖରାପ ଉଦ୍ଦେଶ୍ୟ ନେଇ ସେ ଭୁଲ୍ କରିବେ ନାହିଁ । ସେ ଏହାକୁ ତାଙ୍କ ଜୀବନର ମନ୍ତ୍ର କରିଥିବା କହିଛନ୍ତି ।

ନିଜ ପିଲାଦିନର କଥା ମନେ ପକାଇ ମୋଦି କହିଛନ୍ତି, ସେ ତାଙ୍କ ପରିବାର ସଦସ୍ୟମାନଙ୍କ ଲୁଗାପଟା ଧୋଉଥିଲେ । ଏଥିପାଇଁ ତାଙ୍କୁ ପୁଷ୍କରିଣୀ ଯିବାକୁ ଅନୁମତି ମିଳିଥିଲା । ମୁଖ୍ୟମନ୍ତ୍ରୀ ହେବା ପରେ ସେ ତାଙ୍କ ସରକାରୀ ବାସଭବନକୁ ନିଜ ପୁରୁଣା ଦିନର ସାଙ୍ଗ ଓ ଶିକ୍ଷକମାନଙ୍କୁ ଆମନ୍ତ୍ରଣ କରିଥିଲେ । ତେବେ ସାଙ୍ଗମାନେ ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖୁଥିବାବେଳେ ମୋଦି ସେମାନଙ୍କଠାରେ ନିଜ ସାଙ୍ଗଙ୍କୁ ଦେଖିବାକୁ ଉଦ୍ୟମ କରୁଥିଲେ ବୋଲି କହିଛନ୍ତି ।

୨୦୦୨ ଫେବୃଆରୀ ୨୪ ଗୋଧ୍ରା ଟ୍ରେନ୍ ପୋଡ଼ି ଘଟଣାକୁ ମନେପକାଇ ସେ ସମୟର ନବନିର୍ବାଚିତ ବିଧାୟକ ଭାବେ ସେ ନିଜ କଠିନ ପରୀକ୍ଷା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି । ସେ ବିଧାୟକ ହେବାର ୩ ଦିନ ପରେ ଗୋଧ୍ରାରେ ଟ୍ରେନ୍‌ପୋଡ଼ି ଘଟଣା ଘଟିଥିଲା । ମୋଦି ଘଟଣାସ୍ଥଳକୁ ଯିବା ପାଇଁ ନିଷ୍ପତ୍ତି ନେଇଥିଲେ । ଅଫିସରମାନେ ତାଙ୍କ ପାଇଁ ହେଲିକପ୍ଟରର ଆୟୋଜନ କରିଥିଲେ । ତେବେ ସେ ଭିଆଇପି ନୁହନ୍ତି, ଜଣେ ସାଧାରଣ ମଣିଷ ବୋଲି ମୋଦି କହିଥିଲେ । ବିପଦ ଆଶଙ୍କା ସତ୍ତ୍ୱେ ସେ ଓଏନ୍‌ଜିସି ହେଲିକପ୍ଟର ଯୋଗେ ଗୋଧ୍ରା ଯାଇ ଯନ୍ତ୍ରଣା ଦାୟକ ଦୃଶ୍ୟ ଦେଖିଥିଲେ ଓ ମୁଖ୍ୟମନ୍ତ୍ରୀ ଭାବେ ନିଜ ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖିଥିଲେ ।



ପ୍ରଧାନମନ୍ତ୍ରୀ ନିଜକୁ କେବେ ଆରାମଦାୟକ ଜୋନ୍‌ରେ ରଖିନାହାନ୍ତି ଏବଂ ବିପଦକୁ ମୁକାବିଲା କରିବା ସାମର୍ଥ୍ୟର ସମ୍ପୂର୍ଣ୍ଣ ଉପଯୋଗ କରିନାହାନ୍ତି । ସେ ଏଭଳି ଜୀବନ ଯାପନ କରୁଛନ୍ତି, ଯେଉଁଠି ତାଙ୍କୁ ଅତି ଛୋଟ ଜିନିଷ ମଧ୍ୟ ସନ୍ତୁଷ୍ଟି ଦେଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ପ୍ରବାସୀ ଭାରତୀୟ ଦିବସ ସମାବେଶ ଉଦ୍‌ଯାପିତ

ଭୁବନେଶ୍ୱର: ଭୁବନେଶ୍ୱରରେ ୩ ଦିନ ଧରି ଚାଲି ଆସିଥିବା ପ୍ରବାସୀ ଭାରତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଛି । ଶେଷ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରବାସୀମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ୨୦୪୭ ରେ ଭାରତକୁ ବିକଶିତ କରିବା



ଲକ୍ଷ୍ୟ ରହିଥିବାରୁ ସେମାନେ ଏହି ବିକାଶ ଧାରାରେ ସହଯୋଗୀ ପାଲଟନ୍ତୁ । ବହିର୍ବ୍ୟାପାର ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଭବ୍ୟ ସମାରୋହରେ ୨୭ ପ୍ରବାସୀଙ୍କୁ ସମ୍ମାନିତ କରାଯାଇଛି । ସେମାନଙ୍କ ମଧ୍ୟରେ ଋଷିଆ ରେ ଶିକ୍ଷା ଏବଂ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ରହ୍ମକୁମାରୀ ସୁଧାରାଣୀ ଗୁପ୍ତା ମଧ୍ୟ ରହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୭୦ ଦେଶରୁ ଆସିଥିବା ପ୍ରବାସୀ ଭାରତୀୟଙ୍କୁ ଧନ୍ୟବାଦ ଦେବା ସହ ସମ୍ମିଳନୀ ଆୟୋଜନ ଦ୍ୱାରା ଓଡ଼ିଆ ଅସ୍ମିତା ଉଚ୍ଚତର ହୋଇପାରିଥିବା କହିଛନ୍ତି । ଏହି ସମାରୋହକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଥିଲେ ।

ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 2 | 12 - 18 January 2025 | Sambalpur | Pages- 8 | Invitation Price Rs.10



# ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପାଇଁ ପୁରସ୍କୃତ ହେବ ଧନୁପାଲି ୟୁପିଏଚ୍‌ସି





ସମ୍ବଲପୁର : ସମ୍ବଲପୁର ସହର ଉପକଣ୍ଠ ଧନୁପାଲି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ୟୁପିଏସି) ଅନ୍ତର୍ଗତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି । ସ୍ୱାସ୍ଥ୍ୟକେନ୍ଦ୍ରକୁ ୧.୨୬ ଲକ୍ଷ ଟଙ୍କାର ଅର୍ଥରାଶି ପୁରସ୍କାର ମିଳିବ । ଏହି ଡାକ୍ତରଖାନାର ମୁଖ୍ୟ ଡାକ୍ତର ମୋନିକା ନନ୍ଦଙ୍କ ନିଃସ୍ୱାର୍ଥପର ସ୍ୱାସ୍ଥ୍ୟ ସେବା ଏବଂ ପାରା ମେଡିକାଲ ଷ୍ଟାଫ୍‌ଙ୍କ ସହଯୋଗ ପାଇଁ ଏହି ପୁରସ୍କାର ପାଇବା ପାଇଁ ଧନୁପାଲି ସ୍ୱାସ୍ଥ୍ୟକେନ୍ଦ୍ର ସକ୍ଷମ ହୋଇ ପାରିଛି । ସାରା ରାଜ୍ୟରେ ୪ଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ଏହି ପୁରସ୍କାର ମିଳିବ । ଗତମାସରେ ରାଷ୍ଟ୍ରୀୟ ଗୁଣବତ୍ତା ନିଶ୍ଚିତତା ଯାଞ୍ଚ କମିଟି ସ୍ଥିତି ଅନୁଧାନ କରି ଏହି ରିପୋର୍ଟ ପ୍ରଦାନ କରିଛି । ଏହି କମିଟିର ୨ ଜଣିଆ ଟିମ୍ ଧନୁପାଲି ୟୁପିଏଚ୍ ଯାଇ ସଂକ୍ରାମକର ଓ ଅଣସଂକ୍ରାମକ ରୋଗର ଚିକିତ୍ସା ବ୍ୟବସ୍ଥା, ଡ୍ରେସିଂ ରୁମ୍, ଜରୁରୀକାଳୀନ ଚିକିତ୍ସା, ପରିବାର ନିୟୋଜନ, ଟିକାକରଣ, ପରୀକ୍ଷାଗାର, ପ୍ରସୂତି ସ୍ୱାସ୍ଥ୍ୟ ଏବଂ ଫାର୍ମାସି ବ୍ୟବସ୍ଥା ଭଳି ୧୨ଟି ବିନ୍ଦୁକୁ ନେଇ ସମୀକ୍ଷା କରିଥିଲେ । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏନେଇ ସୋସିଆଲ୍ ମିଡିଆରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଶୁଭେଚ୍ଛା ଜଣାଇଛନ୍ତି ।

# ଝାରସୁଗୁଡ଼ାରେ ଶିଶୁ ପାଇଁ ଦିନଟିଏ ତ୍ରୟ ମାସିକ ବୈଠକ

ଝାରସୁଗୁଡ଼ା : ଶିଶୁ ପାଇଁ ଦିନଟିଏ ତ୍ରୟ ମାସିକ ସମୀକ୍ଷା ବୈଠକ ଓ ଜିଲ୍ଲା ସ୍ତରୀୟ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାରେ ବାଲ୍ୟ ବିବାହ, ନାବାଳିକା ମାତୃତ୍ୱ ଓ ଯୌନ ଶୋଷଣ ,ସାଇବର କ୍ରାଇମ ଓ ଶିଶୁ ଶ୍ରମିକ ଆଦି କୁ-ସଂସ୍କାର ରୋକିବା ଦିଗରେ ସଚେତନତା ସୃଷ୍ଟି ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ପ୍ରତି ଶନିବାରରେ ଅନୁଷ୍ଠିତ ଅଦଭିକା କାର୍ଯ୍ୟକ୍ରମରେ ଉପସ୍ଥିତ ହେଉଥିବା ବାଳକ ବାଳିକାମାନଙ୍କର ଉପସ୍ଥାନ ସଂଗ୍ରହ କରିବା ପାଇଁ ପରାମର୍ଶ ଦିଆଯିବା ସହ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଡି.ଏସ୍.ପି ପରସ୍ପର ମଧରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା । ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରମାନଙ୍କରେ ଶିଶୁମାନଙ୍କର ଯତ୍ନ ଦିଗରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି । ବୈଠକରେ ଜିଲ୍ଲାରେ ଯଶୋଦା ଯୋଜନା, ବେଟି ବଚାଓ ବେଟି ପଢ଼ାଓ, ସ୍ୱତନ୍ତ୍ର ଯୁଭେନାଇଲ ପୁଲିସ ୟୁନିଟ, ଚାଇଲଡ ଲାଇନ, ଓପନ ସେଲଟରର ସ୍ଥିତି ବିଷୟରେ ଆଲୋଚନା ହୋଇଥିଲା । ସେହିପରି ଜିଲ୍ଲା ଶିଶୁ ମଙ୍ଗଳ ସମିତି ଓ କିଶୋର ନ୍ୟାୟ ବୋର୍ଡ଼ ଦ୍ୱାରା କରାଯାଉଥିବା କେସ୍ ସମୂହର ଫଇସଲା ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ବୈଠକ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ ଲାଇନର ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଜିଲ୍ଲାପାଳ ଅବୋଲି ସୁନୀଲ ନରଓ୍ୱଣେଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମଧୁମିତା ମିଶ୍ର, ଡି ଏସ୍ ପି (ଆଇୟୁସିଏଡବ୍ଲ୍ୟୁ) ବନିତା ମାଝୀ, ଶିଶୁ ମଙ୍ଗଳ ସେମିତି ଅଧକ୍ଷ ଆଶୀଷ ପଣ୍ଡା,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଣ୍ୟବତୀ ହେଲେନ ଖେସ, ଜିଲ୍ଲା ଶ୍ରମ ଅଧିକାରୀ ସୁନିତା କିସାନ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ବଲପୁରର ନନ୍ଦପଡ଼ାର ନଳିନୀ ପ୍ରଭା ଜଗନ୍ନାଥଙ୍କୁ ଦାନ କଲେ ରୁପା ଶଙ୍ଖ

ପୁରୀ : ସମ୍ବଲପୁରର ନନ୍ଦପଡ଼ା ନିବାସୀ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ନଳିନୀପ୍ରଭା ଦାଶ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିରକୁ ୨୬୧୯ ଗ୍ରାମର ରୁପା ଶଙ୍ଖ ଦାନ କରିଛନ୍ତି । ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ରଙ୍କ ସହଯୋଗକ୍ରମେ ସେ ଶ୍ରୀମନ୍ଦିର ପ୍ରାଶାସନିକ ଅଧିକାରୀଙ୍କୁ ଏହି ରୁପା ଶଙ୍ଖ ଦାନ କରିଛନ୍ତି । କଟକରେ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ବ୍ୟୟରେ ଏହି ଶଙ୍ଖକୁ ସେ ନିର୍ମାଣ କରାଇଥିଲେ । ମହାପ୍ରଭୁ



ଏହାକୁ ଧାରଣ କଲେ ଖୁବ୍ ଖୁସୀ ହେବେ ବୋଲି ନଳିନୀ କହିଛନ୍ତି । ସେ କହିଛନ୍ତି ଯେ, ୨ ବର୍ଷ ତଳେ ରଥଯାତ୍ରା ଅବସରରେ ମହାପ୍ରଭୁ ଧାରଣ କରିଥିବା ରୁପା ଶଙ୍ଖକୁ ଦେଖି ଅନୁରୂପ ଏକ ଶଙ୍ଖ ଦେବାକୁ ତାଙ୍କ ମନ ବଳିଥିଲା । କିଛି ଦିନ ପରେ ମହାପ୍ରଭୁ ଜଗନ୍ନାଥଙ୍କ ଶଙ୍ଖ ମରାମତି ନିମନ୍ତେ ସମ୍ବଲପୁର ଯାଇଥିଲା । ଏହାକୁ ମରାମତି କରୁଥିବା କାରିଗରଙ୍କ ସହ ସେ ଯୋଗାଯୋଗ କରିଥିଲେ । ମହାପ୍ରଭୁ ଏବେ ଧାରଣ କରୁଥିବା ଶଙ୍ଖରେ କାରୁକାର୍ଯ୍ୟ ନାହିଁ । ସେ ବନାଇଥିବା ଶଙ୍ଖଟି କାରୁକାର୍ଯ୍ୟପୂର୍ଣ୍ଣ । ମହାପ୍ରଭୁ ସୁନା ବେଶରେ ଏହାକୁ କେବଳ ଗୋଟିଏଥର ଧାରଣ କଲେ ତାଙ୍କ ମନୋବାଞ୍ଛା ପୂର୍ଣ୍ଣ ହେବ ବୋଲି ନଳିନୀ କହିଛନ୍ତି ।

# ଜିଲ୍ଲାରେ "ଉଦିଆଁ ତରା" କାର୍ଯ୍ୟକ୍ରମ ପରିଦର୍ଶନ କଲେ କେନ୍ଦ୍ର ସରକାରଙ୍କ ଅଧିକାରୀ

ଝାରସୁଗୁଡ଼ା : ଜିଲ୍ଲାପାଳ ଅବୋଲି ସୁନୀଲ ନରଓ୍ୱଣେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ହାତକୁ ନିଆଯାଇଥିବା ଅଭିନବ କାର୍ଯ୍ୟକ୍ରମ "ଉଦିଆଁ ତରା"କୁ କେନ୍ଦ୍ର ସରକାରଙ୍କ ଅଧିକାରୀମାନେ ଦୁଇଦିନ ଧରି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟଗୁଡିକୁ ପରିଦର୍ଶନ କରିଛନ୍ତି । ସୂଚନାଯୋଗ୍ୟ, ପ୍ରାଥମିକ ସ୍ତରରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଭାଷା, ଗଣିତ ଓ ଇଂରାଜୀ ବିଷୟରେ ଉଦ୍ଦିଷ୍ଟ ମୌଳିକ ଧାରଣା ସୁନିଶ୍ଚିତ କରିବା ପାଇଁ "ଉଦିଆଁ ତରା" କାର୍ଯ୍ୟକ୍ରମ ଆରମ୍ଭ କରାଯାଇଅଛି । ଅଧିକାରୀ ମାନେ ଝାରସୁଗୁଡା ବ୍ଲକ ଅନ୍ତର୍ଗତ ଦୁର୍ଲଗା ପ୍ରାଥମିକ ବିଦ୍ୟାଳୟ, ତାଳପଟିଆ ଉଚ୍ଚ ବିଦ୍ୟାଳୟ ଏବଂ ଲଖନପୁର ବ୍ଲକ ଅନ୍ତର୍ଗତ ବାଞ୍ଜିପାଲି ପିଏମଶ୍ରୀ ବିଦ୍ୟାଳୟ ଓ ରମ୍ଭାଲୁଗା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନକରି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରି ଖୁସି ବ୍ୟକ୍ତ କରିଛନ୍ତି । ଜିଲ୍ଲାପାଳ, କେନ୍ଦ୍ର ସରକାରଙ୍କ ଅଧିକାରୀ ଅଣ୍ଡର ସେକ୍ରେଟାରୀ ସୁନିଲ କୁମାର, ଡେପୁଟି ଡିରେକ୍ଟର ସାଗର ଚୌଧୁରୀ, ବରିଷ୍ଠ ଷ୍ଟାଟିଷ୍ଟିକାଲ ଅଫିସର ଗୌରବ ମୀନା ଓ ଶିଭାନୀ ପାରଖୀ, ପ୍ରୋଜେକ୍ଟ ଆସୋସିଏଟଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ରାଧାକାନ୍ତ ଗଡତିଆ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ ସା, ସୁଶାନ୍ତ କୁମାର ଘୁଟା ଏବଂ ସମଗ୍ର ଶିକ୍ଷାର ଜିଲ୍ଲା ଶିକ୍ଷା ସଂଯୋଜିକା ଖୁଲଣା ସୁନ୍ଦରୀ ବେହେରା, ଜିଲ୍ଲା ଯୋଜନା ସଂଯୋଜକ ସୁଶାନ୍ତ କୁମାର ଦାସ, ପ୍ରୋଗ୍ରାମର ଅନ୍ତର୍ଯ୍ୟାମୀ ବଢେଇ ଏବଂ ଏ.ବି.ଇ .ଓ ହେମସାଗର ଚୌଧୁରୀ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ ।

# ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ୫୧ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା

ଝାରସୁଗୁଡ଼ା : ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲ ଷ୍ଟାଡିୟମ୍ ପରିସରରେ ଲକ୍ଷ୍ମୀନାରାୟଣ ମହା ବିଦ୍ୟାଳୟ ର ୫୧ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।



ଅଧକ୍ଷା ଡକ୍ଟର ସ୍ନେହଲତା ମିଶ୍ର ଧ୍ୱଜ ଉତ୍ତୋଳନ କରି ଶିକ୍ଷା ସହିତ ଶାରୀରିକ ବ୍ୟାୟାମ ତଥା ଖେଳ କୁଦର ଆବଶ୍ୟକତା ଉପରେ ଛାତ୍ରଛାତ୍ରୀ ମାନଙ୍କୁ ଅନୁପ୍ରାଣୀତ କରିଥିଲେ । ମହା ବିଦ୍ୟାଳୟର ଖେଳ ଶିକ୍ଷକ ମାନସ ରଂଜନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡା ପ୍ରତିଯୋଗିତା ରେ ବେଲପାହାଡ଼ ଜୁନିଅର କଲେଜର ଖେଳ ଶିକ୍ଷକ ହେମନ୍ତ ପ୍ରଧାନ, କଟାପାଲି କଲେଜର ଖେଳ ଶିକ୍ଷକ ବିବେକାନନ୍ଦ ପ୍ରଧାନ, ସ୍ଥାନୀୟ ଡିଏଭିର ବିଜୟ କୁମାର ଦାସ, ମହାନଦୀ କୋଇଲା କମ୍ପାନୀର କମ୍ପ୍ୟୁଟର ବେହେରା ଓ ବିସିଆରଏସ ପଖରୁ ଯାଉଜା ଲାକରା ଖେଳ ପରିଚାଳନା କରିଥଲେ । ୫୧ ତମ କ୍ରୀଡ଼ା ଉତ୍ସବରେ ଯୁକ୍ତଦୁଇ ବାଳକ ବିଭାଗରେ ରମଣ ପ୍ରଧାନ ଓ ବାଳିକା ବିଭାଗରେ ଗାୟତ୍ରୀ କିଶାନ ଚମ୍ପିୟାନ ହୋଇଥିବା ବେଳେ ଯୁକ୍ତ ତିନି ବାଳକ ବିଭାଗରେ ରବିନ ଏକ୍କା ଓ ବାଳିକା ବିଭାଗରେ ଭୂମିସୁତା ପ୍ରଧାନ ଚମ୍ପିୟାନ ହୋଇଥିଲେ । ଅଧାପିକା ସୋନାଲି ସାମରିଆ ଓ ସ୍ୱାଗତିକା ବାରିକଙ୍କ ସଂଯୋଜନରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଭାବରେ ପ୍ରାଧାପକ ବିଜ୍ଞାନ ଭୂଷଣ ଭଞ୍ଜ ଯୋଗଦେଇ ଥିବାବେଳେ ଅଧାପକ ହିମାଂଶୁ ଶେଖର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାମଗାଁ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ମହିମା ବାଲ୍ୟଲୀଳା ଉଦଯାପିତ

ଝାରସୁଗୁଡା : ଲଖନପୁର ବ୍ଲକ ଜାମଗାଁ ମହିମା ଆଶ୍ରମରେ ବ୍ରହ୍ମାବଧୂତ ବୀରେନ୍ଦ୍ର ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇ ଦିନ ଧରି ଚାଲିଥିବା ୯ ତମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ମହିମା ବାଲ୍ୟଲିଲା ମହୋତ୍ସବ ଉଦଯାପିତ ହୋଇ ଯାଇଛି । ଗତ ପୌଷ ଶୁକ୍ଳପକ୍ଷ ସପ୍ତମୀ ସୋମବାର ଅପରାହ୍ନ ରେ କଳସ ଯାତ୍ରା, ଅଖଣ୍ଡ ବତୀ ପ୍ରଜ୍ୱଳନ, ବ୍ରହ୍ମଧୁନି ସ୍ଥାପନ,ଆଠ ଭଜନ, ଜଗତର କଲ୍ୟାଣ ନିମନ୍ତେ ପୂଜ୍ୟପାଦ ବୀରେନ୍ଦ୍ର ବାବା ବ୍ରହ୍ମ ଧୁନିରେ ଘୃତାହୁତି ସହ ବ୍ରହ୍ମଯଜ୍ଞ ଆରମ୍ଭ ହୋଇ ପୌଷ ଶୁକ୍ଳପକ୍ଷ ନବମୀ ରେ ଜଗତର କଲ୍ୟାଣ ନିମନ୍ତେ ବ୍ରହ୍ମ ଧୁନିରେ ଘୃତାହୁତି ଏବଂ ପୂର୍ଣ୍ଣାହୁତି ସହ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ମହିମା ବାଲ୍ୟଲିଲା ମହୋତ୍ସବ ଉଦଯାପିତ ହୋଇଥିଲା । ଏହି ଅବସରରେ ବ୍ରହ୍ମାବଧୂତ ବୀରେନ୍ଦ୍ର ବାବା ଆସିଥିବା ଶ୍ରଦ୍ଧାଳୁ ମାନଙ୍କୁ ତାଙ୍କର ଆଶିଷ ବଚନ ଶୁଣାଇବା ସହିତ ହିଂସା, କ୍ରୋଧ, ଦ୍ୱେଷ, କୁକର୍ମ ଆଦି ସବୁ ତ୍ୟାଗ କରି ସତମାର୍ଗ ଅନୁସରଣ କରିବାକୁ ସଦ ଉପଦେଶ ଦେଇଥିଲେ । ସାଧୁସନ୍ଥଙ୍କ ମଧରେ ସାଧୁ ଜଗବନ୍ଧୁ ଦାସ, ସାଧୁ ଚିତ୍ରସେନ ଦାସ, ସାଧୁ ବିକ୍ରମ ଦାସ, ସାଧୁ ବାଦଲ ଦାସ, ସାଧୁ ଦୟା ଦାସ,ସାଧୁ ମହେନ୍ଦ୍ର ତ୍ୟାଗୀ, ସାଧୁ ଜଗଦୀଶ ତ୍ୟାଗୀ, ସାଧୁ ଚିତ୍ର ତ୍ୟାଗୀ,ସାଧୁ ସୁମନ୍ତ ତ୍ୟାଗୀ, ସାଧୁ ସଚିଦା ତ୍ୟାଗୀ ଯଜ୍ଞର ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ବ୍ରହ୍ମାବଧୂତ ବୀରେନ୍ଦ୍ର ବାବାଙ୍କ ଆଦେଶ ମତେ ଜାମଗାଁ ଜମିଦାର ମହେନ୍ଦ୍ର କୁମାର ସାଏ ଓ ପତ୍ନୀ ଜାମିନୀ ସାଏ, ଗୋପୀନାଥ ସାଏ ଓ ପତ୍ନୀ ପ୍ରବୀଣା ସାଏ, ବିପ୍ଲବ ସାଏ ଓ ପତ୍ନୀ ଦୀପାଞ୍ଜଳୀ ସାଏ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରତ୍ୟେକ ଦିନ ସତ୍‌ସଙ୍ଗ, ପ୍ରବଚନ, କୃଷ୍ଣଗୁରୁ ଭଜନ, ଭାଗବତ ପାରାୟଣ କଥା, ବରଗଡ଼ ଅ*ଳର ଅମୃତଧାରା ସଂକୀର୍ତ୍ତନ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ ମନ୍ତ୍ରମୁଗ୍ଧ କରିଥିଲା । ପଡୋଶୀ ଛତିଶଗଡ଼ ରାୟଗଡ଼, ସୁନ୍ଦରଗଡ ତଥା ଝାରସୁଗୁଡା ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବହୁ ଲୋକଙ୍କ ସମାଗମ ହୋଇଥିଲ ।

# ଯଜ୍ଞକର୍ମସମୁଦ୍ଭବଃ



## ଡ଼ଃ ପ୍ରମୋଦ କୁମାର ପଣ୍ଡା

ଅଗ୍ନିପୂଜାକୁ ଲୋକେ ଯଜ୍ଞ ମନେ କରିଥାନ୍ତି । କିନ୍ତୁ ଏହା ଯଜ୍ଞ ନୁହଁ । ଯଜ୍ଞର କ୍ଷୁଦ୍ର ସ୍ୱରୂପ । ଛୋଟ ରୂପ । ହୋମ । କୁଣ୍ଡରେ ଜଳୁଥିବା ଅଗ୍ନିଙ୍କୁ ମନ୍ତ୍ର ଉଚ୍ଚାରଣ କରି ଘୃତ ଆହୁତି ପ୍ରଦାନ । ଘରର ଯେକୌଣସି ସଦସ୍ୟ ହୋମକର୍ମ କରିପାରିବେ । ମୁନି, ଋଷି, ତପସ୍ୱୀ, କିମ୍ବା ସନ୍ଥମହାତ୍ମାଙ୍କ ଆବଶ୍ୟକତା ନାହିଁ । ସାମାନ୍ୟ ମନ୍ତ୍ରରେ ହୋମ କରାଯାଇ ପାରେ । ନୂତନ ଗୃହ ପ୍ରତିଷ୍ଠା, ଶୁଦ୍ଧିକରଣ ଓ ନୈମିତ୍ତିକ ପୂଜା ଅର୍ଚ୍ଚନା ବେଳେ ହୋମ ହୁଏ । ଯଜ୍ଞ କିନ୍ତୁ ସାଧୁସନ୍ଥଙ୍କ ଦ୍ୱାରା ବୀଜ ମନ୍ତ୍ର/ଗୁରୁମନ୍ତ୍ର ଉଚ୍ଚାରଣ ପୂର୍ବକ ସମ୍ପାଦିତ ହୁଏ । ଈଶ୍ୱର ଆରାଧନା ସହିତ ସମାଜ କଲ୍ୟାଣ ଯଜ୍ଞାନୁଷ୍ଠାନ ଆୟୋଜନର ମୂଳୋଦ୍ଦେଶ୍ୟ ଅଟେ । ଏହି ଅନୁଷ୍ଠାନରେ ପ୍ରଜ୍ୱଳିତ ହେବାକୁଥିବା ଅଗ୍ନି ଯଜ୍ଞାଗ୍ନି ଭାବେ ଅଭିହିତ । ଏସମ୍ପର୍କିତ କର୍ମକୁ ଯଜ୍ଞ କର୍ମ କୁହାଯାଏ । ଯଜ୍ଞ ବିଧାନ ବେଦୋକ୍ତ । ପରମ ପିତା ବ୍ରହ୍ମାଙ୍କ ରଚିତ । ଯଜ୍ଞ ମୁଖ୍ୟତଃ ପାଞ୍ଚ ପ୍ରକାରର । ବ୍ରହ୍ମଯଜ୍ଞ, ଦେବଯଜ୍ଞ, ପିତୃଯଜ୍ଞ, ବିଶ୍ୱଦେବ ଯଜ୍ଞ ଏବଂ ଅତିଥି ଯଜ୍ଞ । ଶ୍ରୀମଭଗବଦ ଗୀତାରେ ବାର ପ୍ରକାର ଯଜ୍ଞର ବର୍ଣ୍ଣନା ମିଳେ । ବ୍ରହ୍ମଯଜ୍ଞ, ଭଗବତ ଅର୍ପଣ ଯଜ୍ଞ, ଅଭିନ୍ନତାରୂପୀ ଯଜ୍ଞ, ସଂଯୋଗରୂପୀ ଯଜ୍ଞ, ବିଷୟହବନରୂପୀ ଯଜ୍ଞ , ତାପୋଯଜ୍ଞ, ଯୋଗଯଜ୍ଞ, ଜ୍ଞାନଯଜ୍ଞ , ଦ୍ରବ୍ୟଯଜ୍ଞ , ପ୍ରାଣାୟାମରୂପୀ ଯଜ୍ଞ ଏବଂ ସ୍ତମ୍ଭବୃତ୍ତି ପ୍ରାଣାୟାମରୂପୀ ଯଜ୍ଞ । ଏସମସ୍ତ ଦ୍ରବ୍ୟମୟ ଯଜ୍ଞ ଅଟନ୍ତି । ଜ୍ଞାନଯଜ୍ଞକୁ ଶ୍ରେଷ୍ଠ ଯଜ୍ଞ କୁହାଯାଏ । ଜ୍ଞାନ ମାନେ ତତ୍ତ୍ୱଜ୍ଞାନ । ସାଧାରଣ ପୁସ୍ତକ ଜ୍ଞାନ ନୁହେଁ । ଏତଦାରିକ୍ତ ବେଦରେ ଅନ୍ୟାନ୍ୟ ଯଜ୍ଞ ମଧ ବର୍ଣ୍ଣିତ ।

ମଣିଷଠାରୁ ବଡ଼ ପିତର । ପିତୃପୁରୁଷ । ମୃତ ମାତା, ପିତା, ଆଚାର୍ଯ୍ୟ । ତାଙ୍କଠୁ ବଡ଼ ଦେବତା । ଦେବତାଙ୍କଠାରୁ ବଡ଼ ଈଶ୍ୱର । ତାଙ୍କ ପାଇଁ ଉଦ୍ଦିଷ୍ଟ ଯଜ୍ଞ ବ୍ରହ୍ମଯଜ୍ଞ । ନିତ୍ୟ ଆରାଧନା, ସନ୍ଧ୍ୟା ବନ୍ଦନ, ସ୍ୱାଧ୍ୟାୟ ତଥା ବେଦପାଠ ଆଦି ବ୍ରହ୍ମଯଜ୍ଞ ଅନ୍ତର୍ଭୁକ୍ତ । ବ୍ରହ୍ମଚର୍ଯ୍ୟ ଆଶ୍ରମରେ ଏସମସ୍ତ ପାଳିତ ହୋଇଥାଏ । ଏତଦ୍ୱାରା ଋଷିଋଣରୁ ମୁକ୍ତି ମିଳେ ।

ସତସଙ୍ଗ ଓ ଅଗ୍ନିହୋତ୍ର ସମ୍ପନ୍ନ ଯଜ୍ଞ ଦେବଯଜ୍ଞ । ଦେବଯଜ୍ଞ ସନ୍ଧି କାଳରେ ସମ୍ପାଦିତ ହୁଏ । ଗାୟତ୍ରୀ ମନ୍ତ୍ର ପାଠ କରାଯାଏ । ଅଗ୍ନିଦେବଙ୍କୁ ଘୃତ ଆହୁତି ଅର୍ପିତ ହୁଏ । ଅରଖ, ପଳାଶ, ଖଇର, ଅପାମାର୍ଗ, ପିପ୍ପଳ, ଡିମ୍ବିରୀ ଓ ସୁମୀ ସମିଧ ଆବଶ୍ୟକ ପଡେ । ଶାଳ କାଠ କର୍ଚ୍ଚାରେ ଅଗ୍ନି ସଂଯୋଗ କରାଯାଏ । ସ୍ଥାନ ବିଶେଷରେ ଆମ୍ବ କାଠ ମଧ ବ୍ୟବହାର କରାଯାଇ ପାରେ । ଦେବଯଜ୍ଞ ଅନୁଷ୍ଠାନ ଶୁଦ୍ଧତା ଏବଂ ସକାରାତ୍ମକତା ଆଣେ । ରୋଗ ଶୋକ ଦୂର କରେ । ଗୃହସ୍ଥ ଜୀବନ ପରିପୁଷ୍ଟ ହୁଏ । ପରିବାରରେ ଶାନ୍ତି ରହେ । ପରିଜନ ସହ ସୌହାର୍ଦ୍ଦ୍ୟ ବଢେ ।

ଶ୍ରଦ୍ଧାରେ ସମ୍ପନ୍ନ କାର୍ଯ୍ୟ ଶ୍ରାଦ୍ଧ । ପିତୃପୁରୁଷଙ୍କୁ ତୃପ୍ତ କରୁଥିବା କାମ ତର୍ପଣ । ଦର୍ପଣ ଭଳି ନିର୍ମଳ ମନରେ ଅର୍ପିତ କାର୍ଯ୍ୟ ତର୍ପଣ । ଶ୍ରାଦ୍ଧ ଏବଂ ତର୍ପଣ ଆଦି ପୂର୍ବଜଙ୍କ ପ୍ରତି ସମ୍ମାନ । ପରମଧାମଗତ ପିତୃ ପୁରୁଷ ତୃପ୍ତ ରହିଲେ ପରିବାରକୁ ସୁଖ, ଶାନ୍ତି ଓ ସମୃଦ୍ଧି ମିଳିଥାଏ । ସନ୍ତାନ ଉତ୍ପତ୍ତିରେ ଏହି ଯଜ୍ଞ ସମ୍ପନ୍ନ ହୁଏ । ପିତୃ ଋଣରୁ ମୁକ୍ତି ମିଳେ ।

ଜୀବଜନ୍ତୁ ତଥା ବୃକ୍ଷ ବନସ୍ପତି ପ୍ରତି ଦୟା, କରୁଣା, କର୍ତ୍ତବ୍ୟବୋଧ ଇତ୍ୟାଦି ବିଶ୍ୱଦେବ ଯଜ୍ଞର ମୂଳମନ୍ତ୍ର । ଅଗ୍ନି ବିନା ଖାଦ୍ୟ ପ୍ରସ୍ତୁତି ଅସମ୍ଭବ । ରନ୍ଧା ଖାଦ୍ୟରେ ଅଗ୍ନିଦେବଙ୍କ ପ୍ରଥମ ଅଧିକାର ରହିଛି । ରନ୍ଧନ ପରେ ଖାଦ୍ୟର କିଛି ଅଂଶ ସର୍ବପ୍ରଥମେ ଅଗ୍ନିଦେବଙ୍କୁ ସମର୍ପଣ କରାଯାଏ । ଗାଈଗୋରୁ କୁଆ, କୁକୁର ଆଦିଙ୍କୁ ଖାଦ୍ୟ ପ୍ରଦାନ କଲେ ବିଶ୍ୱଦେବ ଯଜ୍ଞ ସଫଳ ହୋଇଥାଏ । ପୁଣ୍ୟ ପ୍ରାପ୍ତ ହୁଏ । ଅଦୃଷ୍ଟ ଆଶୀର୍ବାଦ ମିଳେ ।

ଭାରତୀୟ ସଂସ୍କୃତିରେ ଅତିଥି ଦେବତୁଲ୍ୟ । ଈଶ୍ୱର ସମାନ । ତାଙ୍କ ସେବା ଆମର ପରମ ଧର୍ମ । ଅଭ୍ୟାଗତଙ୍କୁ ଅନ୍ନ ଓ ଜଳ ଦାନ ମଣିଷର କର୍ତ୍ତବ୍ୟ । ଭିନ୍ନକ୍ଷମ, ମହିଳା, ବିଦ୍ୟାର୍ଥୀ, ସନ୍ୟାସୀ, ଚିକିତ୍ସକ, ଧର୍ମରକ୍ଷକ ଆଦିଙ୍କ ପରିଚର୍ଯ୍ୟାରେ ଅତିଥିଯଜ୍ଞ ସମ୍ପନ୍ନ ହୁଏ । ପୁଣ୍ୟଫଳ ପ୍ରାପ୍ତି ହୁଏ । ସତ୍କାର୍ଯ୍ୟ ଓ ସତ୍କାର ଆମର ସାମାଜିକ କର୍ତ୍ତବ୍ୟ । ଦାୟିତ୍ୱ ମଧ ।

ଉପର ବର୍ଣ୍ଣିତ ଯଜ୍ଞ ଅତିରିକ୍ତ ଆହୁରି ବିଭିନ୍ନ ପ୍ରକାର ଯଜ୍ଞ ରହିଛି । ଯିମିତି ଅଗ୍ନିହୋତ୍ର, ଅଶ୍ୱମେଧ, ସୋମଯଜ୍ଞ, ରାଜସୂୟ , ଅଗ୍ନିଚୟନାଦି । ଭିନ୍ନ ଭିନ୍ନ ଯଜ୍ଞର ଭିନ୍ନ ଭିନ୍ନବିଧି ବିଧାନ ଓ ନିୟମ ରହିଛି ।

ଯଜ ଓ ୟ ଦୁଇଟି ସଂସ୍କୃତ ଶବ୍ଦର ସମାହାରରେ ଯଜ୍ଞ ଶବ୍ଦର ସୃଷ୍ଟି । ଯଜ ମାନେ ପୂଜା କିମ୍ବା ସ୍ତୋ କରିବା । ୟ ଅର୍ଥ ଯେମିତି । ଅତଃ ଯଜ୍ଞ ମାନେ ଯିମିତି ପୂଜା କିମ୍ବା ସେବା କରିବା ଉଚିତ । ଗଭୀରତାର ସହିତ ବିଚାର କଲେ ଯଜ୍ଞ ଅର୍ଥ ମନ୍ତ୍ର ପାଠ ସହିତ ଅଗ୍ନିରେ ଘିଅ ଢ଼ାଳିବା ନୁହେଁ । ଯଜ୍ଞ ଅର୍ଥ ଶୁଦ୍ଧ ଶୁଭ କର୍ମ । ସତ୍କର୍ମ । ଶ୍ରେଷ୍ଠ କର୍ମ । ବେଦସମ୍ମତ କର୍ମ । ତ୍ୟାଗ, ସମର୍ପଣ, ପୂଜା, ଆରାଧନା, ଉପାସନା, ଶ୍ରଦ୍ଧା, ସମ୍ମାନ, ପ୍ରାର୍ଥନା, ସ୍ତୁତି, ଉପହାର, ଆହୁତି ଇତ୍ୟାଦି ଯଜ୍ଞର ଜୀବନ୍ତ ରୂପ । ଆହୁତିର ଅର୍ଥ ବିସର୍ଜନ, ବଳିଦାନ । ସମ୍ପତ୍ତି ବିନିମୟରେ ଅନୁଷ୍ଠିତ ଯଜ୍ଞ, ଯଜ୍ଞ ନୁହଁ । ନିଷ୍କାମ ସ୍ତୋ ହିଁ ପ୍ରକୃତ ଯଜ୍ଞ । ନିଜେ ଭୋକିଲା ରହି ଭୁଭୁକ୍ଷୁ ପେଟରେ ଭୋଜନ ଦେବା ଅସଲ ଯଜ୍ଞ ।

' ଆନ୍ନାତ୍ଭବନ୍ତି ଭୂତାନି ପର୍ଜ୍ୟନ୍ୟାଦନ୍ନସମ୍ଭଃ, ଯଜ୍ଞାଭବତି ପର୍ଜନ୍ୟୋ ଯଜ୍ଞ କର୍ମସମୁଦ୍ଭବଃ । ଯଜ୍ଞର ଅର୍ଥ ହୋମ ନୁହଁ, କର୍ତ୍ତବ୍ୟ - କର୍ମ । ନିଷ୍କାମ ସେବା । ସ୍ୱାର୍ଥ ଓ ସର୍ତ୍ତରହିତ କଲ୍ୟାଣକାରୀ କାର୍ଯ୍ୟ । ଯେଉଁଥିରେ ନା ଥାଏ ଆଶା ନା ଅହଂ । କର୍ମରୁ ଯଜ୍ଞର ଉଦ୍ଭବ । ଯଜ୍ଞରୁ ବର୍ଷା, ବର୍ଷାରୁ ଅନ୍ନ ଓ ଅନ୍ନରୁ ଜୀବଜଗତ । କର୍ମଯୋଗୀ କର୍ମଯଜ୍ଞ କରନ୍ତି, ହୋମଯଜ୍ଞ ନୁହଁ । କର୍ମ କୃତଜ୍ଞତା ଯଜ୍ଞଫଳ ପ୍ରଦାନ କରେ କର୍ମ କୃତଘ୍ନତା ନୁହଁ । ପାଠକଙ୍କ ବିଚାର୍ଯ୍ୟ ଏହାର ଯଥାର୍ଥତା ତଥା ଗ୍ରହଣୀୟତା ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**

# ବୁଝି ବିଚାରି ସମସ୍ୟାର ନିଦାନ କରନ୍ତୁ

ଆଧୁନିକତାର ଅନ୍ଧ ଦଉଡ଼ିରେ ମଣିଷ ବର୍ତ୍ତମାନ ଏପରି ଛନ୍ଦି ହୋଇଯାଇଛି ଯେ, ତା'ର ସମଗ୍ର ଜୀବନ ହିଁ ଅସ୍ତବ୍ୟସ୍ତ ହୋଇ ପଡିଛି । ଆଧୁନିକୀକରଣର ପ୍ରଲୋଭନରେ ପଡିଯାଇ ମଣିଷ ନିଜର ଜୀବନକୁ ଆହୁରି ଅଧିକ ଜଟିଳ କରିଦେଉଛି । ଏହି ଅସ୍ତବ୍ୟସ୍ତତା ଏବଂ ଜଟିଳତା ଯୋଗୁଁ ହିଁ ବର୍ତ୍ତମାନ ଅନେକ ପ୍ରକାରର ସମସ୍ୟା ଉତ୍ପନ୍ନ ହେଉଛି । ଉତ୍କଣ୍ଠାପୂର୍ଣ୍ଣ ଏହି ମୁହୂର୍ତ୍ତରେ ପ୍ରତ୍ୟେକ ବ୍ୟକ୍ତି ଏହି ପାଣ ସହିତ ଲଢୁଥିବାର ଦେଖାଯାଉଛି ଯେ, ନିଜର ଜୀବନକୁ ସେ ସରଳ କରିବ କିପରି ? ଏପରି କ'ଣ କଲେ ଜୀବନରେ ଆଉ ଅସୁବିଧା ବଢ଼ିବ ନାହିଁ ? ଯଦି ଜୀବନକୁ ସରଳ କରିବା ପାଇଁ ଆମକୁ କଷ୍ଟକର ପ୍ରୟାସ କରିବା ଦରକାର ନାହିଁ । ନିଜର ବ୍ୟବହାରରେ ସାମାନ୍ୟ ପରିବର୍ତ୍ତନ, ସାମାନ୍ୟ ସଂଯମ, ଜୀବନର ବିକ୍ଷେପକୁ ଶାନ୍ତ କରିପାରେ, ଜୀବନକୁ ଆହୁରି ସୁନ୍ଦର କରିପାରେ ।

ବର୍ତ୍ତମାନ ସାଂସାରିକ ଜୀବନରେ ଆମେ ଏତେ ଛନ୍ଦି ହୋଇ ଯାଇଛୁ ଯେ, ନିଜ ପାଇଁ ଆମ ପାଖରେ ସମୟ ହିଁ ନାହିଁ । ଆମେମାନେ କେବଳ ଏକ ଅନ୍ତହୀନ ଅନ୍ଧ ଦୌଡର ଅଂଶ ହୋଇ ରହି ଯାଇଛୁ । ଏପରି ଦୌଡ ଯାହାର କୌଣସି ଦିଗ ନାହିଁ, କୌଣସି ଉଦ୍ଦେଶ୍ୟ ନାହିଁ । ଏହି ଦୌଡ ହେଉଛି ଆଧୁନିକତାର, ଇଚ୍ଛାମାନଙ୍କର, ପ୍ରଲୋଭନର, ସମସ୍ତଙ୍କ ଠାରୁ ଆଗେଇଯିବାର । ବର୍ତ୍ତମାନ ଆବଶ୍ୟକତା ହେଲା, ଏହି ଦୌଡରୁ ବାହାରି ନିଜର ବ୍ୟକ୍ତିତ୍ୱକୁ ଉଙ୍କି ମାରିବାର ଆବଶ୍ୟକତା ହେଲା ନିଜେ ନିଜକୁ ଜାଣିବାର, ବୁଝିବାର ଏବଂ ବଦଳାଇବାର । ତାହା ହେଲେ ଆମେ ଆମର ଜୀବନକୁ ସରଳ, ସୁଗମ, ଆନନ୍ଦମୟ ଏବଂ ଶାନ୍ତିମୟ କରି ପାରିବା ।

ଏଥିପାଇଁ କଠୋର ପରିଶ୍ରମ ଦରକାର ନାହିଁ, ବରଂ ସାମାନ୍ୟ କିଛି ପ୍ରୟାସ ଦରକାର । ଯେଉଁ ବ୍ୟକ୍ତି ଜୀବନରେ ଏହା ଆଶା କରନ୍ତି ଯେ, ଥରକରେ ହିଁ ସେ ସବୁକିଛି ବଦଳାଇ ସକାରାତ୍ମକ ହୋଇଯିବେ, ତେବେ ଏହା ସମ୍ଭବ ନୁହେଁ, କାରଣ ସ୍ଥାୟୀ ପରିବର୍ତ୍ତନ ଧୀରେ ଧୀରେ ହିଁ ହୋଇଥାଏ । ଆମେ ଯାହାର ପାତ୍ର, ଆମକୁ ତାହା ମିଳେ ଏବଂ ପାତ୍ରତା ଧୀରେ ଧୀରେ ବିକଶିତ ହୁଏ । ପାତ୍ରତା ବିକଶିତ ହୋଇଗଲେ, ତା ଅନୁରୂପ ଅନୁଦାନର ବ୍ୟବସ୍ଥା ସ୍ୱତଃ ହୋଇଯାଏ ଏବଂ ସେଥିପାଇଁ ସ୍ଥାୟୀ ପରିବର୍ତ୍ତନ ଆଣିବା ସକାଶେ ସାମାନ୍ୟ ସକାରାତ୍ମକ ପ୍ରୟାସ କରିବା ଦରକାର ।

ସକାରାତ୍ମକ ପରିବର୍ତ୍ତନ ଦିଗରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଦିଗ ହେଲା ଆମର ପ୍ରତିକ୍ରିୟା । ଆମକୁ ଏକଥା ବୁଝିବାକୁ ହେବ ଯେ, ଯେକୌଣସି ପରିସ୍ଥିତି ପ୍ରତି ଆମେ ତତ୍‌କ୍ଷଣାତ୍ ପ୍ରତିକ୍ରିୟା କରିବା ନାହିଁ, ବରଂ ବୁଝିବିଚାରି ପ୍ରତିକ୍ରିୟା କରିବା । ପ୍ରତିକ୍ରିୟାର ଏହି ସୂକ୍ଷ୍ମ ପ୍ରଭେଦ ଆମକୁ ବୁଝିବାକୁ ହେବ । ନ ବୁଝି ନ ବିଚାରି କରାଯାଇଥିବା ତ୍ୱରିତ ପ୍ରତିକ୍ରିୟାକୁ ମନୋବିଜ୍ଞାନର ଭାଷାରେ 'ରିଆକ୍ଟ' କରିବା କୁହାଯାଏ । ସାଧାରଣ ଭାବରେ ଦେଖାଗଲେ ଉଭୟ ହିଁ ଆମର ସାଧାରଣ ପ୍ରତିକ୍ରିୟା, କିନ୍ତୁ ଉଭୟଙ୍କ ଠାରେ ବହୁତ ପ୍ରଭେଦ ଅଛି । ଗୋଟିଏ ପ୍ରତିକ୍ରିୟା ଏପରି ଯେ ଯାହାଦ୍ୱାରା ସମସ୍ୟା ଜଟିଳ ହୋଇପାରେ ଏବଂ ଦ୍ୱିତୀୟ ପ୍ରତିକ୍ରିୟା ଏପରି, ଯାହାଦ୍ୱାରା ସମସ୍ୟାର ସମାଧାନ ହୋଇପାରେ । ଯଦି ଆମକୁ ସମସ୍ୟାର ସମାଧାନ କରିବାର ଅଛି, ତେବେ ଆମକୁ ରେସପଣ୍ଡ ସମାଧାନ କରିବାକୁ ହେବ, ରିଆକ୍ଟ ନୁହେଁ ।

କୌଣସି ପରିସ୍ଥିତି ବା ଘଟଣା ପ୍ରତି ଆମେ ରେସପଣ୍ଡ କରିବା ବା ରିଆକ୍ଟ, ତାହା ଆମ ଉପରେ ହିଁ ନିର୍ଭର କରେ । ପ୍ରାୟ ରିଆକ୍ଟ କରିବା ଏପରି ଏକ ପ୍ରତିକ୍ରିୟା ଯାହାର ସମ୍ବନ୍ଧ ଥାଏ ଆମର ଅଚେତନ ମନ ସହିତ, ଯଦିଓ ରେସପଣ୍ଡ କରିବାର ସମ୍ବନ୍ଧ ଆମର ଚେତନ ମନ ସହିତ ଥାଏ । ଆମର ଅଚେତନ ମନ ସକ୍ରିୟ ଥିବାବେଳେ ଆମେ ରିଆକ୍ଟ କରୁ ଏବଂ ଚେତନ ମନ ସକ୍ରିୟ ଥିବାବେଳେ ରେସପଣ୍ଡ କରୁ । ମନର ଚେତନ ବା ଅଚେତନ ଅବସ୍ଥା ଉପରେ ହିଁ ଆମର ସମସ୍ତ ପ୍ରତିକ୍ରିୟା ନିର୍ଭର କରେ ।

ଆମର କର୍ମ ହିଁ ଚେତନ ବା ଅଚେତନ ମନର ନିର୍ମାଣ କରେ । ଯିଏ ଯେପରି କର୍ମ କରନ୍ତି, ସେପରି ହୋଇ ଯାଆନ୍ତି । ଆମେ କୌଣସି ବ୍ୟବହାରକୁ ବାରମ୍ବାର ଦୋହରାଇଲେ, ସେହି ବ୍ୟବହାର ଆମ ସ୍ୱଭାବ ହୋଇଯାଏ ଏବଂ ତା'ପରେ ସେହି ସ୍ୱଭାବ ସୁଦୃଢ଼ ହୋଇ ଅଚେତନ ମନର ଅଂଶ ହୋଇଯାଏ । କୌଣସି ବ୍ୟବହାର ଅଚେତନର ଅଂଶ ହୋଇଗଲେ ଏହି ବ୍ୟବହାରକୁ ଅଭିବ୍ୟକ୍ତ କରିବା ପାଇଁ ବ୍ୟକ୍ତିକୁ ପ୍ରୟାସ କରିବାକୁ ପଡେ ନାହିଁ, ବରଂ ପରିସ୍ଥିତି ସହିତ ସେହି ପ୍ରତିକ୍ରିୟା ଆପେ ଆପେ ହେବାରେ ଲାଗେ ଏବଂ ଏହି ପ୍ରତିକ୍ରିୟାକୁ ରିଆକ୍ଟ କରିବା କହନ୍ତି । ତ୍ୱରିତ କରାଯାଇଥିବା ଏହି ପ୍ରତିକ୍ରିୟା ସାଧାରଣ ଭାବେ ସମସ୍ୟାକୁ ଜନ୍ମ ଦିଏ । ଏହା ପ୍ରତି ସମସ୍ତଙ୍କର ସମାନ ପ୍ରତିକ୍ରିୟା ହୁଏ ନାହିଁ । କେତେ ଲୋକ ଏହା ପ୍ରତି ରିଆକ୍ଟ କରନ୍ତି ତ କେତେକ ରେସପଣ୍ଡ । ରିଆକ୍ଟ ହେଉଛି ଏକ ନକାରାତ୍ମକ ପ୍ରତିକ୍ରିୟା, ଯଦିଓ ରେସପଣ୍ଡ ଏକ ସକାରାତ୍ମକ ପ୍ରତିକ୍ରିୟା । ଅନେକ ସମୟରେ ସମସ୍ୟାକୁ ନ ଜାଣି ହିଁ ମଣିଷ ତତ୍‌କ୍ଷଣାତ୍ ରିଆକ୍ଟ କରିବାରେ ଲାଗିଯାଏ, ଯେପରିକି ବିବ୍ରତ ହୋଇ ପଡିବା, ବ୍ୟସ୍ତ ହୋଇ ପଡିବା, ଚିଡ଼୍‌ଚିଡା ହେବା, ଦୋଷାରୋପଣ କରିବା, ପାଟି କରିବା, ନିନ୍ଦା କରିବା, ନକାରାତ୍ମକ ପରିଣାମ ବିଷୟରେ ଚିନ୍ତା କରି ନିରାଶ ଏବଂ ହତାଶ ହେବା ଇତ୍ୟାଦି । ଯଦିଓ ଧୈର୍ଯ୍ୟପୂର୍ବକ ସମସ୍ୟା ଏବଂ ଏହାର କାରଣ ସମ୍ବନ୍ଧରେ ଜାଣିବା ଏବଂ ସେସବୁର ସମାଧାନ କରିବାର ପ୍ରୟାସକୁ ରେସପଣ୍ଡ କରିବା କୁହାଯାଏ ।

ଆମେ ସମସ୍ୟାର ସମାଧାନ କରିବାକୁ ଯଦି ଚାହିଁବା, ତାକୁ ଲୟ କରିବାକୁ ଚାହିଁବା, ତେବେ ଆମକୁ ଆମର ପ୍ରତିକ୍ରିୟାକୁ ନିୟନ୍ତ୍ରଣ କରିବାକୁ ହେବ । ସମସ୍ୟାକୁ ନ ଜାଣି ନ ବୁଝି ରିଆକ୍ଟ କରିବା ଦ୍ୱାରା ସମସ୍ୟା ଆହୁରି ଜଟିଳ ହୋଇଯାଏ ।

**ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ**

## ଆଜିର ଚିନ୍ତନ

ଗୀତାରେ ଭଗବାନ ଅର୍ଜୁନଙ୍କୁ ପରନ୍ତପଃ ନାମରେ ସମ୍ବୋଧନ କରାଯାଇଛି । ପରନ୍ତପ ଅର୍ଥ ହେଉଛି ପରମ ତପସ୍ୱୀ । ଯିଏ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ନିଜକୁ ସମର୍ପିତ କରେ ସେ ହେଉଛି ତପସ୍ୱୀ । ତପସ୍ୟାର ଅର୍ଥ କେବଳ ଜଙ୍ଗଲକୁ ଯାଇ ଗଛ ମୂଳେ ବସି ଭଗବାନଙ୍କ ନାମ ସ୍ମରଣ କରି, ଉପବାସ ରହିବା ନୁହେଁ । କୌଣସି ଗୋଟିଏ ସତ୍ ଉଦ୍ଦେଶ୍ୟ ପାଇଁ ନିଜେ କଷ୍ଟ ସହି ଧ୍ୟାନ କରିବାକୁ ମଧ ତପସ୍ୟା କୁହାଯାଏ । ଅର୍ଜୁନ ସେହି ତପସ୍ୱୀମାନଙ୍କ ମଧ୍ୟରେ ଥିଲେ ପରମ ତପସ୍ୱୀ । ଦିନେ ମହାବୀର ପ୍ରବଚନ ଦେଉଥିବା ସମୟରେ ଜଣେ ଶିଷ୍ୟ ପଚାରିଲେ, ମଣିଷ ତା'ର ଆଚରଣ ଦ୍ୱାରା କେବେ ତଳକୁ ତଳକୁ ଖସିଗଲେ ଯାହା ତା'ର ପତନର କାରଣ ହୋଇଥାଏ ? ମହାବୀର କହିଲେ, ମୁଁ ଉତ୍ତର ଦେବା ପୂର୍ବରୁ ଏଠାରେ ବସିଥିବା ଅନ୍ୟ ଶିଷ୍ୟମାନେ ଏହି ପ୍ରଶ୍ନର ଉତ୍ତର ଦିଅନ୍ତୁ । ଜଣେ ଶିଷ୍ୟ କହିଲେ, ଅହଂକାର ହିଁ ପତନର କାରଣ । ଆଉ ଜଣେ କହିଲେ, କାମ ବାସନା ହିଁ ମନୁଷ୍ୟକୁ ନଷ୍ଟ କରିଦିଏ । କେହି ଲୋଭକୁ ମନ୍ଦ ବୋଲି ବର୍ଣ୍ଣନା କଲେ ତ କେହି କେହି କ୍ରୋଧ ହିଁ ପତନର କାରଣ ବୋଲି କହିଲେ । ମହାବୀର ସମସ୍ତଙ୍କ କଥା ଧ୍ୟାନର ସହିତ ଶୁଣୁଥିଲେ । ସେ ପଚାରିଲେ, 'ମୋତେ କୁହ, ଯଦି ତୁମ ପାଖରେ ଏକ ଲୋଟା ଅଛି, ତେବେ ତାକୁ ପାଣି ଭର୍ତ୍ତି କରି ନଦୀରେ ଛାଡି ଦିଅ, ତାହା ନଦୀରେ ବୁଡ଼ିଯିବ କି ? ଶିଷ୍ୟମାନେ କହିଲେ, ଯଦି ଲୋଟାର ଆକୃତି ଠିକ୍ ଥିବ, ତେବେ ସେ ଏତେ ଶୀଘ୍ର ବୁଡ଼ିବ ନାହିଁ, ପାଣିରେ ଭାସିବ । ମହାବୀର ପଚାରିଲେ, ଯଦି ସେଥରେ କଣାଟିଏ କରି ଦିଆଯିବ, ତେବେ ତାହା କ'ଣ ହେବ ? ତାହା ପାଣିରେ ବୁଡ଼ିଯିବ ବୋଲି ଶିଷ୍ୟମାନେ କହିଲେ । ମହାବୀର ପଚାରିଲେ, କଣାର ଆକାର କୌଣସି ଫରକ ପଡିବ କି ? ଶିଷ୍ୟ କହିଲେ, ଯଦି ଛୋଟ କଣା ହୁଏ, ତେବେ ଲୋଟାଟି ବୁଡ଼ିବାକୁ କିଛି ସମୟ ଲାଗିବ । ଯଦି ବଡ଼ କଣା ହୁଏ, ତେବେ ଶୀଘ୍ର ବୁଡ଼ିଯିବ । ମହାବୀର କହିଲେ, ମୁଁ ଏହା କହିବାକୁ ଚାହୁଁଛି- ଆମ ଶରୀର ଏକ ଲୋଟା ସଦୃଶ ଏବଂ ଖରାପ କାର୍ଯ୍ୟ ଗୁଡ଼ିକ କଣା ସଦୃଶ । ଯଦି ଆମର ଅବଗୁଣ କଣା, ତେବେ ସେ ଆମର ଜୀବନକୁ ନଷ୍ଟ କରିଦେବ । ତେଣୁ ଆମେ ଯେତେ ତପସ୍ୟା କଲେ ମଧ ତପସ୍ୱୀ ହୋଇ ପାରିବା ନାହିଁ । ଆମେ ପ୍ରଥମେ ଅବଗୁଣ ଗୁଡିକୁ ପରିତ୍ୟାଗ କରିବା ।

ବର୍ଷ ୨୯, ସଂଖ୍ୟା - ୨, ୧୨ - ୧୮ ଜାନୁଆରୀ ୨୦୨୫

# ଓଡ଼ିଶାରେ ପ୍ରବାସୀ ଭାରତୀୟ ସମ୍ମିଳନୀ

ପ୍ରାକୃତିକ ବିଭବ, ଐତିହ୍ୟ, ଗୌରବାହ ସଂସ୍କୃତିରୁ ମାଟି ଓଡ଼ିଶାରେ ଯୁବ ଭାରତୀୟ ପ୍ରବାସୀ ସମ୍ମିଳନୀ ହୋଇଯାଇଛି । ଭାଷାଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିଯାଇଥିଲେ ଓଡ଼ିଶାର ସାମଗ୍ରିକ ପ୍ରଗତି ପାଇଁ ଏହି ଆୟୋଜନ କେବଳ ସମୟୋପଯୋଗୀ ନୁହେଁ; ପର୍ଯ୍ୟଟନର ପ୍ରସାର, ପୁଞ୍ଜି ବିନିଯୋଗ ଜରିଆରେ ସାମଗ୍ରିକ ପ୍ରଗତି ପାଇଁ ଅପରିହାର୍ଯ୍ୟ ମଧ । ୨୦୧୮ ଓ ୨୦୨୩ରେ ହକି ବିଶ୍ୱକପ୍ ଆୟୋଜନ ପରେ ତୃତୀୟ ଥର ପାଇଁ ରାଜଧାନୀ ଏଭଳି ଏକ ବୈଶିକ ସମ୍ମିଳନୀ ନିଶ୍ଚୟ ଆମ ଜାତିର କୀର୍ତ୍ତିରେ ଏକ ମାଇଲଖୁଣ୍ଟ ସ୍ଥାପନା କରିଛି । ପ୍ରଥମ ଥର ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜନ କରି ଓଡ଼ିଶା ଗୌରବମଣ୍ଡିତ ହୋଇଛି ଏବଂ ରାଜ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ, ପର୍ଯ୍ୟଟନ, ଭାସ୍କର୍ଯ୍ୟ, କଳା, ସଂସ୍କୃତିର ପ୍ରଦର୍ଶନ ଜରିଆରେ ପ୍ରବାସୀ ଭାରତୀୟଙ୍କୁ କୃତାର୍ଥ କରି ନିଜକୁ ସାର୍ଥକ ମନେ କରୁଛି ।

ଏକଦା କେବଳ ଧର୍ମ ଓ ତୀର୍ଥସ୍ଥଳକୁ ଧରି ରଖିଥିବା ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ଏବେ ବିବିଧବର୍ଣ୍ଣା ହୋଇଛି । ଗତ ୪ ବର୍ଷ ମଧରେ ୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପୁଞ୍ଜିନିବେଶ ସହିତ ବିଶ୍ୱ ଆତିଥ୍ୟ(ଗ୍ଲୋବାଲ ହସ୍ପିଟାଲିଟି) ପ୍ରଦାନରେ ଓଡ଼ିଶା ଅଗ୍ରସର ହେଉଛି ।

ପ୍ରବାସୀ ଭାରତୀୟ ସମ୍ମିଳନୀ ସହିତ ସମାନ୍ତରାଳ ଭାବେ ରାଜଧାନୀରେ କଳା, ବାଣିଜ୍ୟ, ସୌନ୍ଦର୍ଯ୍ୟ, ବୌଦ୍ଧିକ ବ୍ୟାଖ୍ୟାନର ଆୟୋଜନ ହୋଇଛି । ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ଚେତନା ମହୋତ୍ସବ, ପୁଷ୍ପ ପ୍ରଦର୍ଶନୀ, ଆଦିବାସୀ ମେଳା, ଏକାମ୍ର ମହୋତ୍ସବ, ରାଜାରାଣୀ ସଙ୍ଗୀତ ନୃତ୍ୟ ମହୋତ୍ସବ, ଚିଲିକା ଜାତୀୟ ବିହଙ୍ଗ ଉତ୍ସବ ଆଦି ଜରିଆରେ ଓଡ଼ିଶାର ସାଂସ୍କୃତିକ ଚେତନା, କଳାନୈପୁଣ୍ୟ, ହସ୍ତ ଓ କୁଟୀର ଶିଳ୍ପ, ପାରମ୍ପରିକ ଖାଦ୍ୟ, ପୋଷାକ, ପରିଧାନ, ଆଭୁଷଣ ଆଦିର ବିସ୍ତୃତ ଝଲକ୍ ପ୍ରବାସୀ ଭାରତୀୟଙ୍କୁ ଦେବା ପାଇଁ ରାଜ୍ୟ ସରକାର ସାଧୁ ଉଦ୍ୟମ କରିଛନ୍ତି । ଏହା ଫଳରେ ଆଞ୍ଚଳିକ ସ୍ତରରେ ଲୋକଲୋଚନ ଉହାଡ଼ରେ ରହି ଯାଉଥିବା ଉତ୍କଳୀୟ ଉତ୍କର୍ଷ ଓ ଆଦିବାସୀ କଳାସଂସ୍କୃତି ବିଶ୍ୱାଦୃତ ହେବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି ।


ଓଡ଼ିଶାରେ ପୁଞ୍ଜି ନିବେଶ ଓ ଶିଳ୍ପାୟନ ଜରିଆରେ ସମାବେଶୀ ବିକାଶର ଯେଉଁ ନକ୍ସା ଗତ ସରକାର ଅମଳରେ ଅଙ୍କା ଯାଇଥିଲା, ତାହା ବର୍ତମାନର ପ୍ରବାସୀ ଭାରତୀୟ ସମ୍ମିଳନୀରେ ବାସ୍ତବତାର ରୂପ ନେବ ଏହା ନିଃସନ୍ଦେହ । ଉତ୍କର୍ଷର ଭୂମି ଉତ୍କଳର କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିରରୁ ଆରମ୍ଭ କରି ଓଡ଼ିଶାର ବିଶାଳ ବେଳାଭୂମି, ମାଳଭୂମି ଓ ଆର୍ଦ୍ରଭୂମି ଯେ କେବଳ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ନୁହେଁ, ଏଥିରେ ଲୁଚି ରହିଛି ଜୀବନ ଜୀବିକାର ଅପାର ସମ୍ଭାବନା ତାହା ପ୍ରବାସୀ ଭାରତୀୟ ହୃଦୟଙ୍ଗମ କରିପାରିଲେ ବିକଶିତ ଓଡ଼ିଶା - ୨୦୩୬ର ସ୍ୱପ୍ନ ସାକାର ହେବାର ପଥ ସୁଗମ ହୋଇପାରିବ ।

ସାମଗ୍ରିକ ଭାବରେ ପ୍ରାଚୀନ ଉତ୍କଳରୁ ଆଧୁନିକ ବିକଶିତ ଓଡ଼ିଶାକୁ ନିରନ୍ତର ଜୟଯାତ୍ରାର ସଂଘର୍ଷ ଓ ଆହ୍ୱାନ ଭରା ଅଥଚ ସାହସିକ ଚିତ୍ର ପ୍ରବାସୀ ଭାରତୀୟଙ୍କ ଆଗରେ ମାର୍ମିକ ଉପସ୍ଥାପନ କରିବାର ଯେଉଁ ପ୍ରଶଂସନୀୟ ଉଦ୍ୟମ ଆରମ୍ଭ ହୋଇଛି ସେଥିରେ କେବଳ ରାଜ୍ୟ କିମ୍ବା ପୂର୍ବାଞ୍ଚଳର ନୁହେଁ, ବରଂ ସାମଗ୍ରିକ ଭାବେ ଦେଶର ପ୍ରଗତିରେ ସହାୟକ ହେବ ଏଥିରେ ଦ୍ୱିରୁକ୍ତି ନାହିଁ । ସେହିପରି ପ୍ରାଚୀନ ଉତ୍କଳୀୟ ସଂସ୍କୃତି ଏବଂ ବିକାଶ ପଥରେ ଅଗ୍ରସର ଓଡ଼ିଶାର ଅନୁପୂରକ ଚିତ୍ର ବିଦେଶରେ 'ବସୁଧୈବ କୁଟୁମ୍ବକମ୍'ର ସନ୍ଦେଶକୁ ଆହୁରି ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପିତ କରିପାରିବ । ଓଡ଼ିଶାର ପାରମ୍ପରିକ ଖାଦ୍ୟ ମାଣ୍ଡିଆ ଏବେ ଶ୍ରୀଅନ୍ନରେ ମହିମାନ୍ୱିତ ହୋଇ ବିଶ୍ୱାୟନରେ ଜୟଯାତ୍ରା ଆରମ୍ଭ କରିଛି । ଶ୍ରୀଅନ୍ନର ବିବିଧ ବ୍ୟଞ୍ଜନର ସ୍ୱାଦ ଜାଣିବା ଓ ଜଣାଇବାର ଅବକାଶ ସୃଷ୍ଟି କରିଛି ପ୍ରବାସୀ ଭାରତୀୟ ସମ୍ମିଳନୀ । ବୀରତ୍ୱର ପରାକାଷ୍ଠାରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଜୟ କରିଥିବା ଏହି ମାଟି ପୁଣି ଯେ ଶାନ୍ତି ଓ ଅହିଂସାର ମନ୍ତ୍ର ବିଶ୍ୱକୁ ଦେଇଥିଲା ତାହା ବିଶ୍ୱ ଆଗରେ ବ୍ୟାଖ୍ୟାନ କରିବାର ସୁଯୋଗ ମିଳିଛି । ଜାତିସଂଘ କାନ୍ଥରେ ଲିପିବଦ୍ଧ ମାନବିକତାର ମନ୍ତ୍ର ମଧ ଯେ ଏହି ମାଟିରୁ ଜନ୍ମ ନେଇଥିଲା ତାହାର ପ୍ରତ୍ୟକ୍ଷ ଦର୍ଶନ କରାଇବାର ସୌଭାଗ୍ୟ ଏହି ସମ୍ମିଳନୀ ପ୍ରବାସୀଙ୍କୁ ଦେଇଛି । ସର୍ବୋପରି କଳିଙ୍ଗ ସାଧବ ଯେ ସାତସମୁଦ୍ର ତେର ନଈ ପାର ହୋଇ ଦୁଃସାହସିକ ନୌବାଣିଜ୍ୟର ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲା ତାହାର ପ୍ରମାଣ ମଧ ଏହି ମାଟି ।

ଭାରତ ସରକାରଙ୍କ ପାଇଁ ପ୍ରବାସୀ ଭାରତୀୟ ଦିବସ କେବଳ ଏକ ଔପଚାରିକତା ହୋଇପାରେ । କିନ୍ତୁ ଏହି ତିନିଦିନ ଓଡ଼ିଶା ଇତିହାସ, ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ନିର୍ଣ୍ଣାୟକ ହେବ ଏହା ନିଃସନ୍ଦେହ ।

# ଶ୍ରମ-ବିଭାଜନ

## ମହାତ୍ମା ଗାନ୍ଧୀ



ଶ୍ରମ ବା କର୍ମର ବିଭାଜନରେ ମୁଁ ବିଶ୍ୱାସ କରେ । ମାତ୍ର, ସବୁ କାମ ଲାଗି ସମାନ ମଜୁରୀ ମିଳିବା ଉଚିତ ବୋଲି ମୁଁ ଦୃଢ଼ତାର ସହିତ ଦାବି କରିବି । ଜଣେ ଓକିଲ, ଡାକ୍ତର ବା ଶିକ୍ଷକ ଜଣେ ଭଙ୍ଗି ବା ମେହେନ୍ତର ଠାରୁ ଆଦୌ ଅଧିକ ପାରିଶ୍ରମିକ ପାଇବା ଉଚିତ ନୁହେଁ । କେବଳ ସେତିକିବେଳେ ଯାଇ ଶ୍ରମ ବିଭାଜନ ଦ୍ୱାରା ଜାତିର ବା ଜଗତର ଉନ୍ନତି ସମ୍ଭବ ହେବ । ଯଥାର୍ଥ ସଭ୍ୟତା ବା ଯଥାର୍ଥ ସୁଖ ନିମନ୍ତେ ଆଉ ସିଧା କୌଣସି ରାଜପଥ ଆଦୌ ପଡି ନାହିଁ ।

ଅନ୍ନଶ୍ରମର ଅର୍ଥନୀତି ହେଉଛି ଜୀବନ ବଞ୍ଚିବାଲାଗି ଏକ ଜୀବନମୟ ବାଟ । ଏହାର ଅର୍ଥ ହେଉଛି, ଆପଣାର ଅନ୍ନ ତଥା ବସ୍ତ୍ର ପାଇଁ ପ୍ରତ୍ୟେକ ବ୍ୟକ୍ତି ଶରୀର ଶ୍ରମ କରିବ । ଅନ୍ନଶ୍ରମର ଉପାଦେୟତା ଏବଂ ଆବଶ୍ୟକତା ବିଷୟରେ ଯଦି ମୁଁ ଲୋକମାନଙ୍କର ହୃଦବୋଧ କରାଇ ପାରନ୍ତି, ତେବେ ଅନ୍ନ ଏବଂ ବସ୍ତ୍ରର କୌଣସି ଅଭାବ ରହନ୍ତା ନାହିଁ । ପୂର୍ଣ୍ଣ ବିଶ୍ୱାସର ସହିତ ଲୋକମାନଙ୍କ ଆଗରେ ଏ କଥା କହିବାରେ ମୋର ଆଦୌ କୌଣସି ସଙ୍କୋଚ ନାହିଁ ଯେ, ଯଦି ସେମାନେ ଜମିରେ କାମ ନ କରିବେ କିମ୍ବା ସୁତା କାଟି ଲୁଗା ନ ବୁଣିବେ, ତେବେ ସେମାନଙ୍କୁ ଅବଶ୍ୟ ଉପବାସରେ ରହିବାକୁ ହେବ, ଉଲଗ୍ନ ମଧ ରହିବାକୁ ପଡିବ । ୧୯୨୫ ମସିହାରେ ମୁଁ ଯାହା କହିଥିଲି ବର୍ତ୍ତମାନ ମଧ ସେହି କଥା କହିବି । ଅର୍ଥାତ୍ ସ୍ତ୍ରୀ ହୁଅନ୍ତୁ କିମ୍ବା ପୁରୁଷ ହୁଅନ୍ତୁ, ଏକ ନିର୍ଦ୍ଦିଷ୍ଟ ବୟସକୁ ଅତିକ୍ରମ କରିଥିବା ବୟସ୍କ ଲୋକମାନେ ଯେଉଁମାନେ ରାଷ୍ଟ୍ର ନିମନ୍ତେ କିଛି ପରିମାଣରେ ଅନ୍ନଶ୍ରମ କରିପାରିବେ, ସେହିମାନଙ୍କୁ ହିଁ ଭୋଟ୍ ଦେବାର ଅଧିକାର ଦିଆଯିବା ଉଚିତ ।

ଦରିଦ୍ରମାନେ ଯେଉଁସବୁ ଶ୍ରମ କରିବାକୁ ବାଧ ହେଉଛନ୍ତି, ଆମେ ସମସ୍ତେ ଦିନକୁ ଅନ୍ତତଃ ଗୋଟିଏ ଘଣ୍ଟା ସେହି ଶ୍ରମ କରିବା ଏବଂ ଏହିପରି ଭାବରେ ସେମାନଙ୍କ ସହିତ ତଥା ସେମାନଙ୍କ ମାଧମରେ ସମଗ୍ର ମାନବଜାତି ସହିତ ଆପଣାର ଏକାତ୍ମତା ଅର୍ଜନ କରିବା, ଏହାଠାରୁ ଅଧିକ ଆଉ କୌଣସି ସଦିଚ୍ଛାପୂର୍ଣ୍ଣ ଏବଂ ଜାତୀୟ କାର୍ଯ୍ୟ ଅଛି ବୋଲି ମୁଁ କଳ୍ପନା କରି ପାରୁ ନାହିଁ । ଦରିଦ୍ର ମନୁଷ୍ୟମାନେ ଯେଉଁଭଳି କାର୍ଯ୍ୟ କରୁଛନ୍ତି ଭଗବାନଙ୍କର ନାମ ନେଇ ମୁଁ ସେହି ଦରିଦ୍ରଙ୍କ ଲାଗି କାର୍ଯ୍ୟ କରିବି, ଆଉ କୌଣସି ଅଧିକ ଉତ୍ତମଭାବରେ ଯେ ଭଗବାନଙ୍କର ଉପାସନା କରା ଯାଇପାରେ, ମୁଁ ସେକଥା ମଧ କଳ୍ପନା କରିପାରୁ ନାହିଁ ।

ଭଗବାନଙ୍କ ନାମ ନେଇ ଭଗବାନଙ୍କ ଲାଗି ସମର୍ପିତ କୌଣସି କର୍ଯ୍ୟର ସମାନ ମର୍ଯ୍ୟାଦା ରହିଛି । ଭଗବାନଙ୍କର ସେବାର୍ଥେ କାର୍ଯ୍ୟ କରୁଥିବା ଜଣେ ମେହେନ୍ତରର ଜଣେ ମାରଫତଦାର ହିସାବରେ ଆପଣାର ଧନକୁ ଭଗବାନଙ୍କ ନାମରେ ବ୍ୟବହାର କରୁଥିବା ଜଣେ ରାଜା ଭଳି ସମ୍ମାନ ପାଇବା ଲାଗି ଅବଶ୍ୟ ଅଧିକାର ରହିଛି । ମୂଳରେ ପ୍ରେମ ଏବଂ ଅହିଂସା ନ ଥିଲେ କୌଣସି ସେବାକାର୍ଯ୍ୟ କଦାପି ସମ୍ଭବ ହେବ ନାହିଁ । ଯଥାର୍ଥ ପ୍ରେମ ହେଉଛି ମହାସାଗର ପରି ଅସୀମ ଏବଂ ଜଣେ ମନୁଷ୍ୟର ହୃଦୟରେ ଉତ୍ଥିତ ଏବଂ ସ୍ଫୀତ ହୋଇ ତାହା ଆପଣାକୁ ବ୍ୟାପ୍ତ କରିଦିଏ ଏବଂ ସକଳ ସୀମା ତଥା ସରହଦକୁ ପାରି ହୋଇ ସମସ୍ତ ପୃଥିବୀକୁ ଆଚ୍ଛାଦିତ କରିଥାଏ । ଗୀତା ଯାହାକୁ ଅନ୍ୟ ଭାଷାରେ ଯଜ୍ଞ ବୋଲି ବର୍ଣ୍ଣନା କରିଛି, ସେହି ଅନ୍ନଶ୍ରମ ବ୍ୟତୀତ ଏହି ସେବା କଦାପି ସମ୍ଭବ ହେବ ନାହିଁ । ସେବା ନିମନ୍ତେ ଜଣେ ପୁରୁଷ ଅଥବା ଜଣେ ସ୍ତ୍ରୀ ଯେତେବେଳେ କୌଣସି ଶାରୀରିକ ଶ୍ରମ କରିଥାଏ, କେବଳ ସେତିକିବେଳେ ଯାଇ ତା'ର ବଞ୍ଚିବାଲାଗି ଅଧିକାର ରହିଛି ବୋଲି କୁହାଯାଇ ପାରିବ ।

'ବ୍ରହ୍ମ ଆପଣାର ମନୁଷ୍ୟମାନଙ୍କୁ ସୃଷ୍ଟି କଲେ ଏବଂ ସେମାନଙ୍କ ଉପରେ ଯଜ୍ଞର କର୍ତ୍ତବ୍ୟକୁ ନ୍ୟସ୍ତ କରି କହିଲେ, 'ଏହାରି ଦ୍ୱାରା ହିଁ ତୁମ୍ଭମାନଙ୍କର ଉନ୍ନତି ହେବ । ଏହା ହିଁ ତୁମମାନଙ୍କର ସକଳ ବାସନାର ପରିପୂରଣକାରୀ ହୋଇ ରହୁ ।' ଏହି ଯଜ୍ଞ ନକରି ଯେଉଁ ବ୍ୟକ୍ତି ଭୋଜନ ଗ୍ରହଣ କରେ, ସିଏ ପ୍ରକୃତରେ ଚୋରି ଅନ୍ନକୁ ହିଁ ଭକ୍ଷଣ କରେ' ଗୀତାରେ ଏହି କଥା କୁହାଯାଇଛି । ବାଇବେଲରେ ଉକ୍ତି ଅଛି 'ଝାଳବୁହା ଶ୍ରମ କରି ତୁମେ ନିଜର ଅନ୍ନକୁ ଉପାର୍ଜନ କରିବ ।' ଯଜ୍ଞ ଏକାଧିକ ପ୍ରକାରର ହୋଇପାରେ । ସେଥିରୁ ଗୋଟିଏ ଅନ୍ନଶ୍ରମ ବିହୋଇ ପାରିବ । ଯଦି ସମସ୍ତେ ନିଜର ଅନ୍ନ ପାଇଁ ଶ୍ରମ କରୁଥାନ୍ତେ ଏବଂ ଆଉ ଅଧିକ କିଛି ନ କରନ୍ତେ, ତେବେ ସମସ୍ତଙ୍କ ଲାଗି ଯଥେଷ୍ଟ ଖାଦ୍ୟ ଏବଂ ଯଥେଷ୍ଟ ଅବସର ଅବଶ୍ୟ ମିଳିପାରିବ । ତେବେ, ଲୋକସଂଖ୍ୟା ଅତିରିକ୍ତ ପରିମାଣରେ ବଢ଼ିଗଲା ବୋଲି ଆଉ କୌଣସି ଚିତ୍କାର ଶୁଣାଯିବ ନାହିଁ, କୌଣସି ରୋଗ ହେବ ନାହିଁ ଅଥବା, ବର୍ତ୍ତମାନ ଆମେ ଆମ ଚାରିପାଖରେ ଯେଉଁ ଦୁଃଖମାନ ପାଉଛୁ, ସେସବୁ ଆଉ କିଛି ରହିବ ନାହିଁ । ଏହି ଶ୍ରମକୁ ସର୍ବୋଚ୍ଚ ପ୍ରକାରର ଯଜ୍ଞକର୍ମ ବୋଲି କୁହାଯିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ନିଜର ଶରୀର ଅଥବା ମୁଣ୍ଡକୁ କାମରେ ଲଗାଇ ଲୋକମାନେ ଆହୁରି ଅନେକ କାର୍ଯ୍ୟ କରିବେ ସତ, ମାତ୍ର ପ୍ରଧାନତଃ ପ୍ରେମଦ୍ୱାରା ପ୍ରେରିତ ହୋଇ ହିଁ ସେମାନେ ତାହା କରିବେ, ସାଧାରଣ ହିତ ନିମନ୍ତେ ସେସବୁ କରିବେ । ସେତେବେଳେ କେହି ଧନୀ ରହିବେ ନାହିଁ କି କେହି ଗରିବ ରହିବେ ନାହିଁ, କେହି ଉଚ୍ଚ କିମ୍ବା କେହି ନୀଚ ରହିବେ ନାହିଁ, କେହି ସବର୍ଣ୍ଣ ରହିବେ ନାହିଁ କିମ୍ବା ଅସ୍ପୃଶ୍ୟ ମଧ ରହିବେ ନାହିଁ । ଏହି ଆଦର୍ଶଟିକୁ ହୁଏତ କେବେ ମଧ ହାସଲ କରି ହେବ ନାହିଁ । ମାତ୍ର ସେଥିଲାଗି ଆମେ ତାହାକୁ ହାସଲ କରିବା ନିମନ୍ତେ କାହିଁକି ଉଦ୍ୟମ ନକରିବା ? ଏପରିକି ଯଦି ଯଜ୍ଞର ସମୁଦାୟ ବିଧାନଟିକୁ ଅର୍ଥାତ୍ ଆମ ସତ୍ତାର ବିଧାନଟିକୁ ପରିପୂର୍ଣ୍ଣ ନ କରି ଆମେ କେବଳ ନିଜର ଅନ୍ନ ସଂସ୍ଥାନ ନିମନ୍ତେ ଯଥେଷ୍ଟ ଶାରୀରିକ ଶ୍ରମ କରିପାରିବା, ତେବେ ତାହାକୁ ହିଁ ଆଦର୍ଶ ଆଡ଼କୁ ଏକ ବୃହତ୍ ଅଗ୍ରଗତି ବୋଲି କୁହାଯାଇ ପାରିବ ।

ଯଦି ଆମେ ଏହିପରି କରିବାକୁ ନିଷ୍ପତ୍ତି ଗ୍ରହଣ କରିବା, ତେବେ ଆମର ଆବଶ୍ୟକତାମାନ ଅତ୍ୟଳ୍ପ ହୋଇ ଆସିବ, ଆମର ଭୋଜନ ମଧ ସରଳ ହୋଇଯିବ । ସେତେବେଳେ ଆମେ ଜୀବନ ଧାରଣ କରିବା ପାଇଁ ଭୋଜନ ଗ୍ରହଣ କରିବା, ଭୋଜନ କରିବା ଲାଗି ହିଁ ଜୀବନ ଧାରଣ କରୁ ନ ଥିବା ଯେଉଁ ବ୍ୟକ୍ତିଙ୍କର ଏକ ପ୍ରସ୍ତାବଟିର ଭ୍ରାନ୍ତିଶୂନ୍ୟତା ବିଷୟରେ କୌଣସି ସନ୍ଦେହ ହେଉ ନଥାଏ, ତେବେ ସେ ନିଜର ଅନ୍ନଉପାର୍ଜନ ଲାଗି ଶରୀରଶ୍ରମ କରିବାକୁ ଚେଷ୍ଟା କରନ୍ତୁ, ସେ ଆପଣା ଶ୍ରମର ଫଳଗୁଡିକରୁ ସର୍ବାଧିକ ସନ୍ତୋଷଲାଭ କରିବେ, ନିଜର ସ୍ୱାସ୍ଥ୍ୟରେ ଉନ୍ନତିସାଧନ କରିବେ ଏବଂ ସେ ଆଗରୁ ବ୍ୟବହାର କରି ଆସୁଥିବା ବହୁ ବସ୍ତୁର ଯେ କୌଣସି ଯଥାର୍ଥ ପ୍ରୟୋଜନ ନ ଥିଲା ସିଏ ସେକଥାଟିକୁ ମଧ ଆବିଷ୍କାର କରିପାରିବେ ।

# ବୁଝି ବିଚାରି ସମସ୍ୟାର...

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ସମସ୍ୟାର ସମାଧାନ କରିବାକୁ ହେଲେ ତ୍ୱରିତ ପ୍ରତିକ୍ରିୟା କରିବାର ଅଭାସ ଆମକୁ ଛାଡିବାକୁ ହେବ ଏବଂ ସମସ୍ୟାକୁ ଜାଣିବାକୁ, ବୁଝିବାକୁ ସମୟ ଦେବାକୁ ହେବ, କାରଣ ପ୍ରତ୍ୟେକ ସମସ୍ୟାରେ ହିଁ ଏହାର ସମାଧାନ ଲୁଚି ରହିଥାଏ । ବ୍ୟକ୍ତି ରିଆକ୍ଟ କରିବା ସମୟରେ କେବଳ ସମସ୍ୟା ଏବଂ ଏହାର ନକାରାତ୍ମକ ପରିଣାମ ଉପରେ ଯଦି ତା'ର ପୂରା ଧାନ ରହେ, ସେଥିପାଇଁ ସମସ୍ୟାକୁ ସେ ଆହୁରି ଜଟିଳ କରିଦିଏ । କିନ୍ତୁ ସମସ୍ୟାର ସମାଧାନ କରିବାକୁ ହେଲେ, ସେଥିରୁ ବାହାରିବାକୁ ହେଲେ ଏହାର ବିକଳ୍ପ ଅର୍ଥାତ୍ ସମାଧାନ ଉପରେ ଧାନ କେନ୍ଦ୍ରିତ କରିବାକୁ ହେବ ।

ମହାତ୍ମା ବୁଦ୍ଧ ଥରେ ଶିଷ୍ୟଙ୍କ ସହିତ ଯାତ୍ରା କରୁଥିଲେ । ଗୋଟିଏ ପୋଖରୀ ଦେଖିପାରି ସେ ସେଇଠି ଅଟକିଲେ । ତାଙ୍କର ଦୁଇ ଶିଷ୍ୟଙ୍କୁ ବୁଦ୍ଧ କହିଲେ- 'ମତେ ଶୋଷ କରୁଛି । ପୋଖରୀରୁ ପାଣି ଆଣି ଦିଅ ।' ଶିଷ୍ୟ ଦୁଇଜଣଯାକ ହ୍ରଦ ପାଖକୁ ଗଲେ । ସେତିକିବେଳେ ଗୋଟିଏ ବଳଦଗାଡି ପୋଖରୀ ଭିତରେ ପଶି ଆର ପାଖକୁ ଯିବାକୁ ବାହାରିଲା । ଫଳରେ ପାଣି ଗୋଳିଆ ହୋଇଗଲା । ଜଣେ ଶିଷ୍ୟ ସାଙ୍ଗେ ସାଙ୍ଗେ ଫେରି ଆସି ବୁଦ୍ଧଙ୍କୁ କହିଲା- 'ପାଣି ଅପରିଷ୍କାର, ଆପଣଙ୍କର ପିଇବାର ଯୋଗ୍ୟ ନୁହେଁ । ଆର ଶିଷ୍ୟ ଜଣକ ସେଇ ପୋଖରୀ ପାଖରେ ଚୁପ୍‌ଚାପ୍ ବସିଗଲା । କିଛି ସମୟ ପରେ ସେ ପରିଷ୍କାର ପାଣି ନେଇ ବୁଦ୍ଧଙ୍କ ପାଖରେ ପହଞ୍ଚିବାରୁ ସେ କହିଲେ- 'ପାଣି ପରିଷ୍କାର କରିବା ପାଇଁ ତୁମେ କ'ଣ କଲ ? ଆର ଶିଷ୍ୟଟି କହିଲା- 'କିଛି ନାହିଁ, କେବଳ ସମୟ ଦେଲି, ମାଟି ତଳେ ଆପେ ଆପେ ବସିଗଲା ଏବଂ ମତେ ସଫା ପାଣି ମିଳିଗଲା ।

ସେହିପରି ଆମେ ବିଚଳିତ ହେଲେ ସମସ୍ୟାକୁ ନ ବୁଝି ନ ବିଚାରି ସାଙ୍ଗେ ସାଙ୍ଗେ ରିଆକ୍ଟ କରିବାରେ ଲାଗିଯାଉ, ଯାହା ଦ୍ୱାରା ସମସ୍ୟା ଆହୁରି ଜଟିଳ ହୋଇଯାଏ । ଆମେ ଶାନ୍ତ ରହି ସମସ୍ୟାର କାରଣକୁ ଯଦି ଜାଣିବାର ଚେଷ୍ଟା କରିବା, ତେବେ ଆମକୁ ତାର ସମାଧାନ ମଧ ମିଳିଯିବ । ଉପରୋକ୍ତ ଘଟଣାକ୍ରମେ ଉଭୟ ଶିଷ୍ୟଙ୍କର ସମସ୍ୟା ଥିଲା ସମାନ, କିନ୍ତୁ ଜଣେ ସମସ୍ୟା ପ୍ରତି ରିଆକ୍ଟ କଲା, କାରଣ କେବଳ ସମସ୍ୟା ପ୍ରତି ହିଁ ତା'ର ଧାନ ଥିଲା, ସେଥିପାଇଁ ସେ ପାଣି ନେବାରେ ଅସଫଳ ହେଲା । ଅଥଚ ଅନ୍ୟ ଶିଷ୍ୟ ସମସ୍ୟା ପ୍ରତି ରେସପଣ୍ଡ କଲା, କାରଣ ସମସ୍ୟା ପ୍ରତି ତା'ର ଧାନ ନ ରହି, ତାର କାରଣ ଓ ନିବାରଣ ଉପରେ ଥିଲା । ସେଥିପାଇଁ ସେ ସଫଳ ହେଲା । ଆମେ ଜୀବନରେ ପ୍ରାୟ ଏଥିପାଇଁ ଅସଫଳ ହୋଇଥାଉ, କାରଣ ଆମେ ସମସ୍ୟାକୁ ନ ବୁଝି ନ ଶୁଣି ହିଁ ରିଆକ୍ଟ କରିବାରେ ଲାଗିଯାଉ, ଯାହା ଯୋଗୁଁ ସମସ୍ୟା ଆମ ପାଇଁ ଆହୁରି ଅଧିକ ଜଟିଳ ହୋଇଯାଏ ।

# ସ୍ୱର୍ବେଦ

**ସପ୍ତମ ଅଧ୍ୟାୟ - (ୱିରହ)**

**ୱିରହ ବ୍ୟଥା ଅତି କଠିନ ହୈ,**
**କ୍ଷଣ କ୍ଷଣ କର୍କ ମରୋର ।**
**ୱିରହୀ ୱିରହ ୱିଲାପ ମେଁ,**
**ନିଶିଦିନ କରତ ନିହୋର ॥୦୧॥**


ଭାଷ୍ୟ - ବିୟୋଗର ଦୁଃଖ ଅସହ୍ୟ । ନିଜର ପ୍ରିୟତମ ସାଥିରେ ମିଳିତ ହେବା ପାଇଁ ଏହା ପ୍ରତି କ୍ଷଣ ଅତ୍ୟନ୍ତ ବ୍ୟଥା ଦେଇଥାଏ । ବିରହୀ ବିରହ-ବିଳାପରେ ନିଶିଦିନ କାନ୍ଦି କାନ୍ଦି ନିଜର ପ୍ରଭୁଙ୍କ ସହିତ ମିଳିତ ହେବାର ମାର୍ଗକୁ ଅପେକ୍ଷା କରି ରହିଥାଏ ।

**ହଁସି ହଁସି ପ୍ରିୟତମ ନା ମିଲେ,**
**ନୟନ ବହେ ନିଶି ୱାସ ।**
**ଧଦକତ ଜ୍ୱାଲା ୱିରହ କା,**
**ଜରତ ମରମ ଉର ଆସ ॥୦୨॥**

ଭାଷ୍ୟ - ହାସ୍ୟ ଦ୍ୱାରା ପ୍ରିୟତମର ପ୍ରାପ୍ତି ହୁଏ ନାହିଁ । ଯେତେବେଳେ ହୃଦୟରେ ବିରହର ଜ୍ୱାଳା ପ୍ରଜ୍ୱଳିତ ହେଉଥାଏ ଓ ଆଖିରେ ଦିବାନିଶି ଅଶ୍ରୁ ଧାରା ବର୍ଷଣ ହେଉଥାଏ, ତଥା ଦଗ୍ଧୀଭୂତ ହୃଦୟରେ ସେହି ପ୍ରଭୁଙ୍କ ସହିତ ମିଳିତ ହେବାର ତୀବ୍ର ଆଶା ରହିଥାଏ, ତାହାକୁ ବିରହ କୁହାଯାଏ । ପ୍ରିୟତମଙ୍କର ବିୟୋଗ ଦୁଃଖକୁ ବିରହ କହନ୍ତି । ବିୟୋଗୀ ଅର୍ଥାତ୍ ବିଚ୍ଛେଦ ହୋଇଥିବା ପ୍ରିୟତମ କେବେ ମିଳିବେ, ଏହି ପ୍ରକାରର ତୀବ୍ର ଭାବନା ଯେତେବେଳେ ହୃଦୟରେ ଜାଗ୍ରତ ହୋଇଯାଏ ସେତେବେଳେ ବିରହ ଅଗ୍ନି ପ୍ରକଟ ହୁଏ ।

**ରୁଦନ ୱିରହ ୱିୟୋଗ ମେଁ,**
**ଜିନ ପାୟା ତିନ ପାୟ ।**
**ଆଶୂ ନୟନ ପ୍ରୱାହ ହୈ,**
**ପୋଛେ କୱନ ସହାୟ ॥୦୩॥**

ଭାଷ୍ୟ - ପ୍ରଭୁଙ୍କପ୍ରତି ଉତ୍କଟ ଶ୍ରଦ୍ଧା ହେବା ପରେ ହିଁ ତାଙ୍କୁ ଲାଭ କରିହୁଏ । ବିୟୋଗର ଦୁଃଖରେ କ୍ରନ୍ଦନ କରି ଏବଂ ଅଶ୍ରୁ ଧାରା ବୋହିଲେ ହିଁ ସେହି ପ୍ରିୟତମ ପରମ ପ୍ରଭୁଙ୍କୁ କେହି ପାଇପାରେ, ଅନ୍ୟଥା ଅନ୍ୟ କିଛି ଉପାୟ ନାହିଁ । ପ୍ରେମୀର ବିରହ ଜ୍ୱାଳା ପ୍ରଜ୍ୱଳିତ




ହେଲେ ହିଁ ସେ ପରମପ୍ରିୟ ପ୍ରଭୁଙ୍କୁ ପ୍ରାପ୍ତ ହୋଇଥାଏ । ବିରହୀ ଏବଂ ନିରାଲମ୍ବ, ଏକମାତ୍ର ପ୍ରଭୁଙ୍କର ଆଶାରେ ଦିବାନିଶି ରହିଥାଏ ।

**ୱିରହ ଆଗ ଜିନକୋ ଲଗୀ,**
**ବୃଝତ ନାହିଁ ବୁଝାୟ ।**
**ୱିରହ ଲଗନ ମେଁ ଜରି ମରେ,**
**ୱା ହରି ଆପ ବୁଝାୟ ॥୦୪॥**

ଭାଷ୍ୟ - ବିରହର ଅଗ୍ନି ଯାହାକୁ ଲାଗିଥାଏ, ତାହା ଲିଭାଇଲେ ମଧ୍ୟ ନିର୍ବାପିତ ହୁଏନାହିଁ । ବିରହ ପ୍ରେମରେ ବିରୀ ଜଳି ଜଳି ମରିଯାଏ ଅଥବା ସ୍ୱୟଂ ପ୍ରଭୁ ପ୍ରକଟିତ ହୋଇ ତାହାର ବିରହ ଜ୍ୱାଳାକୁ ଶାନ୍ତ କରନ୍ତି ।

**ୱିରହ ତାପ ଚିନ୍ତା ଧନୀ, ଜରତ**
**ଅନ୍ତରୀ ଦାହ ।**
**ରୁଧିର ମାଂସ ସବ ଜର ଗୟେ,**
**ଉଠତ କରାହି କରାହ ॥୦୫॥**

ଭାଷ୍ୟ - ନିଜର ସ୍ୱାମୀ ନିମନ୍ତେ ବିରହ ଚିନ୍ତା କାରଣରୁ ତାହାର ଚିନ୍ତା ଅନ୍ତର ମଧ୍ୟରେ ପ୍ରଜ୍ୱଳିତ ହେଉଥାଏ ଯଦ୍ୱାରା ଉଭୟ ରକ୍ତ ଏବଂ ମାଂସ ଜଳି ଯାଆନ୍ତି ଏବଂ ସର୍ବଦା ଦୁଃଖଭରା ଦୀର୍ଘଶ୍ୱାସ ନେଇ ବିରହୀ କାଳାତିପାତ କରିଥାଏ ।

**ୱିରହୀ ୱିରହ ମିମୋର ମେଁ,**
**ବ୍ୟାକୁଲ୍ ଦୁଖିତ ଅଧୀର ।**
**ୱିରହ ବାନ ଉର ମେଁ ଲଗା,**
**ରହତ ନ କବହୁଁ ଥୀର ॥୦୬॥**

ଭାଷ୍ୟ - ବିରହୀ, ବିରହ ବ୍ୟଥାରେ ଅଧୀର ହୋଇ ବ୍ୟାକୁଳ ଏବଂ ଦୁଃଖୀ ହୋଇଯାଏ ଆଉ ତାହାର ହୃଦୟରେ ବିରହ ତୀର ଲାଗିବା କାରଣରୁ କେବେ ନିଜ ଉପରେ ସ୍ଥିରତା ନ ଥାଏ ।

**ୱିରହ ବ୍ୟଥା କୋ କେହି ଲଖେ,**
**ଜିନ ଲାଗା ତିନ ଜାନ ।**
**ହୃଦୟ ଜଲନ କଠୋର ହୈ,**
**କହନ ସୁନନ ନହିଁ ଆନ ॥୦୭॥**

ଭାଷ୍ୟ - ବିରହ ବ୍ୟଥାକୁ ସେ ହିଁ ଜାଣେ, ଯାହାକୁ ଏହି ବିରହ ବାଣ ଭେଦ କରିଛି । ହୃଦୟରେ ବିରହର ଜ୍ୱଳନ କଠିନ ହୋଇଥାଏ, ତାହା ଜାଣିଥିବା ବିରହୀ ହିଁ ଜାଣେ । ଏହି ବ୍ୟଥା କହିବା କିମ୍ବା ଶୁଣିବାରେ ଅନ୍ୟ ପାଖକୁ ଆସି ନ ଥାଏ ।

**ୱିରହୀ କର୍କ କଲେଜ ମେଁ,**
**ତଡ଼ପତ ଏକ ସମାନ ।**
**ଅସ୍ଥୀ ନସ ପିଞ୍ଜର ରହା, ଚାହ**
**ମିଲନ ଭଗୱାନ ॥୦୮॥**

ଭାଷ୍ୟ - ପ୍ରଭୁଙ୍କ ସହିତ ମିଳିତ ହେବାର ଇଚ୍ଛାରେ ବିରହୀ ଅତ୍ୟନ୍ତ ବ୍ୟାକୁଳ ଏବଂ ଛଟପଟ ହେବାରେ ଲାଗେ ଆଉ ସମସ୍ତ ଶରୀରର ରସ ଶୁଖିଯାଏ । ଶରୀରରେ କେବଳ ହାଡ଼ ଓ ଶିରା ପ୍ରଶିରା ରହିଯାଏ ।

**ପାନ ପିଲାପନ ତନ ଭୟା, ମନ**
**ମୁଖ ମଣ୍ଡଲ ଆୱ ।**
**ଜଲନ ଜଲନ୍ତୀ ଦାହ କୋ, ହେ**
**ପ୍ରଭୁ ଆୟ ବୁଝାୱ ॥୦୯॥**

ଭାଷ୍ୟ - ହଳଦିଆ ପାନ ସମାନ ଶରୀର ହୋଇଯାଇଛି । ମନ ଓ ମୁଖମଣ୍ଡଳ ବିରହ ତାପରେ ଧୂମାୟିତ ହୋଇଯାଇଛି । ହେ ପ୍ରଭୁ! ଏହି ବିରହର ଜଳନଶୀଳ ଅଗ୍ନିକୁ ଆପଣ ଆସି ନିର୍ବାପିତ କରନ୍ତୁ । ବିରହାଗ୍ନିକୁ ପ୍ରଭୁ ହିଁ ଶାନ୍ତି କରିପାରିବେ ।

**ପପିହା ପିୱ ପିୱ ରତଟ ହୈ,**
**ୱିରହୀ ୱିରହ ଜଗାୱ ।**
**ପ୍ରଭୁ ୱିୟୋଗ ତନ ୱିକଲ ହୈ,**
**ଦୁଖମୟ ଜଗତ ଦିଖାୱ ॥୧୦॥**

ଭାଷ୍ୟ - ପପୀହା ବାରମ୍ବାର ପ୍ରଭୁଙ୍କୁ ଜପ କରୁଥାଏ ଯାହା ଦ୍ୱାରା ବିରହୀର ବିୟୋଗ ବେଦନା ଜାଗ୍ରତ ହୋଇଯାଏ । ସେ ନିଜ ପ୍ରଭୁର ବିୟୋଗରେ ବ୍ୟାକୁଳ ଅଟେ । ଯାହା ଫଳରେ ତାକୁ ସମଗ୍ର ସଂସାର ଦୁଃଖମୟ ପ୍ରତୀତ ହେଉଅଛି ।

**ଆଗ ତୋ ଲଗୀ ଅକାଶ ମେଁ,**
**ବାହର ଭୀତର ତାପ ।**
**ଜୈନ ଶ୍ୱାଁସ ଉଶ୍ୱାଁସ ମେଁ,**
**ଅନ୍ତର ପଡ଼ ଗୟ ଛାପ ॥୧୧॥**

ଭାଷ୍ୟ - ଆକାଶରେ ନିଆଁ ଲାଗିଛି, ଯାହାର ତାପ ଭିତରେ ଆଉ ବାହାରେ ହେଉଅଛି । ଏକ ଶ୍ୱାସ ମଧ୍ୟ ଶାନ୍ତି ନାହିଁ । ଯାହା ଫଳରେ ବିରହର ଛାପ ଭିତରେ ପଡୁଛି ।

**ଲଗନ ଲଗୀ ପ୍ରଭୁ ମିଲନ କୀ,**
**ଲଗନୀ ଭୟେ ବେହାଲ ।**
**ଖାନ ପାନ ଭାୱେ ନହୀଁ, ତନ**
**କର କୱନ ହୱାଲ ॥୧୨॥**

ଭାଷ୍ୟ - ପ୍ରଭୁଙ୍କ ସହିତ ମିଳନର ଲଗ୍ନକୁ ଚାହିଁ ଚାହିଁ ବିରହୀ ବ୍ୟାକୁଳ ହୋଇଯାଏ । ବିରୀକୁ ପ୍ରଭୁ ଅତିରିକ୍ତ ଆଉ କୌଣସି ପଦାର୍ଥରେ ସୁଧି ରହେନାହିଁ । ତାକୁ ଖାଇବା ପିଇବା କିଛି ହେଲେ ଭଲ ଲାଗେନାହିଁ । ପୁଣି ଶରୀର କେମିତି ଅଛି, ତାର ଧ୍ୟାନ କେଉଁଠି ?

**ୱିରହ ୱିୟୋଗ ଉବାଲ ମେଁ,**
**ୱିରହୀ ବୌଲା ହୋୟ ।**
**ସୁଧି ନହିଁ ଜୀୱନ ମରନ କୀ, ଦୁଖ**
**ସୁଖ କ୍ୟା ଗନ ସୋୟ ॥୧୩॥**

ଭାଷ୍ୟ - ଯେତେବେଳେ ବିରହୀର ବିୟୋଗ ଦୁଃଖ ବଢ଼ିଯାଏ, ସେତେବେଳେ ସେ ପ୍ରଭୁଙ୍କର ବିରହରେ ପାଗଳ ପରାୟେ ହୋଇଯାଏ । ତାକୁ ନିଜର ଜୀବନ ମରଣର ସୁଧି ରହେନାହିଁ, ସେତେବେଳେ ତାକୁ ନିଜ ଦୁଃଖ ସୁଖର କଣ ହିସାବ ରଖିବ ? ଅର୍ଥାତ୍ କଣ ମହତ୍ୱ ଅଛି ।

**ୱିରହ ତପନି ଅନ୍ତର ତପେ,**
**କୋଇ ଔଷଧ ନହିଁ ଲାଗ ।**
**ହେ ପ୍ରଭୁ ଦର୍ଶନ କବ ମିଲୈ,**
**କବ ଜନ ହୋୟ ସୁଭାଗ ॥୧୪॥**

ଭାଷ୍ୟ - ବିରହ ଅଗ୍ନି ଭିତରେ ସର୍ବଦା ଜଳୁଥାଏ, ତାକୁ କୌଣସି ଔଷଧି ଦରକାର ହୁଏ ନାହିଁ । ହେ ପ୍ରଭୁ । ଦର୍ଶନ କେବେ ମିଳିବ ? କେବେ ମୁଁ ଆପଣଙ୍କର ଦର୍ଶନରୁ କୃତକୃତ୍ୟ ହେବି । ଏ ସୌଭାଗ୍ୟ କେବେ ପ୍ରାପ୍ତ ହେବ ?

# କର୍ପୁରରେ ରୋଗ ଦୂର

**ପେଟ ଦରଜ:** ଗୋଟେ ଗ୍ଲାସ ପାଣିରେ ଗୋଟେ ଚାମଚ ଜୁଆଣି ପକାଇ ଫୁଟାନ୍ତୁ । ପାଣି ଅଧା ହେଇଗଲେ, ସେଥିରେ ଅଳ୍ପ ଖାଇବା କର୍ପୂର ପକାଇ ପିଅନ୍ତୁ । ଏହା ପେଟ ଦରଜ ଦୂର କରେ ।



**ଗଣ୍ଠି ଦରଜ:** ଯଦି ଶରୀରର କୌଣସି ଗଣ୍ଠିରେ ଦରଜ ହେଉଥାଏ, ସେହି ସ୍ଥାନରେ କର୍ପୁର ତେଲ ମାଲିସ୍ କରିବା ଦ୍ୱାରା ଶୀଘ୍ର ଆରାମ ମିଳିଥାଏ ।

**କୁଣ୍ଡେଇ ହେବା:** କୁଣ୍ଡେଇ ହେବା କିମ୍ବା ଫଙ୍ଗଲ ଇନଫେକ୍ସନ୍ ହେଉଥିବା ଜାଗାରେ ନଡିଆ ତେଲରେ କର୍ପୁର ମିଶାଇ ସେହି ସ୍ଥାନରେ ଲଗାନ୍ତୁ । ଏହାଦ୍ୱାରା କୁଣ୍ଡେଇ ହେବାରୁ ମୁକ୍ତି ମିଳିଥାଏ ।

**ପୋଡି ଗଲେ:** ଶରୀରରେ କୌଣସି ସ୍ଥାନ ପୋଡିଗଲେ ସେହି ସ୍ଥାନରେ କର୍ପୁର ତେଲ ଲଗାନ୍ତୁ, ଏହାଦ୍ୱାରା ପୋଡ଼ା କମିଯିବା ସହ ଇନଫେକ୍ସନ୍ ହୋଇ ନ ଥାଏ ।

**ଇନ୍‌ଫେକ୍ସନରୁ ମୁକ୍ତି:** ଘରେ ସର୍ବଦା କର୍ପୁର ଧୂଆଁ ଦେଲେ ବାୟୁରେ ଥିବା ବ୍ୟାକ୍ଟେରିଆ ଦୂର ହୁଏ ।

**କେଶ ପାଇଁ :** ନଡ଼ିଆ ତେଲରେ କର୍ପୁର ମିଶାନ୍ତୁ । ଏହି ମିଶ୍ରଣକୁ ଅଳ୍ପ ଉଷୁମ କରି କେଶ ମୂଳରେ ମାଲିସ କରନ୍ତୁ । ମାଲିସ କରିବାର ଗୋଟେ ଘଣ୍ଟା ପରେ ମୁଣ୍ଡ ଧୋଇ ଦିଅନ୍ତୁ । ଏହାଦ୍ୱାରା ରୁପି ସମସ୍ୟା ଦୂର ହେବା ସହ କେଶ ମଜଭୁତ ହୁଏ ।

**ଦାଗ:** ନଡ଼ିଆ ତେଲରେ କର୍ପୁର ମିଶାଇ ବ୍ରଣ, ପୋଡ଼ା ଓ କଟା ଦାଗ ଉପରେ ସବୁଦିନ ମାଲିସ୍ କଲେ ଏହି ଦାଗରୁ ମୁକ୍ତି ମିଳେ ।

# ଟିକିଏ ହସନ୍ତୁ

ଶିକ୍ଷକ : ବିଷ୍ଟୁ, ହୋମୱାର୍କ କାହିଁକି କରିନୁ ?
ଚିଷ୍ଟୁ: ସାର୍, ମୁଁ ହୋମ ୱାର୍କ କରିବାକୁ ବସିଲି ତ କରେଣ୍ଟ ପଳାଇଲା ।
ଶିକ୍ଷକ : କରେଣ୍ଟ ଆସିଲା ପରେ କାହିଁକି ହୋମୱାର୍କ କଲୁନି ?
ଚିଷ୍ଟୁ: ସାର୍, ଡରିକି ହୋମୱାର୍କ କରିବାକୁ ବସିଲିନି, କାରଣ ମୋ କାରଣରୁ ପୁଣି କରେଣ୍ଟ ପଳାଉ ମୁଁ ଚାହୁଁ ନ ଥିଲି ।

× × × × ×

ଶିକ୍ଷକ : କହିଲୁ ଟିଟୁ, ଏମିତି କେଉଁ ଚଢ଼େଇ ଅଛି ଯାହାର ପକ୍ଷୀ ଥିବା ସତ୍ତ୍ୱେ ସେ ଉଡିପାରେନି ?
ଟିଟୁ: ସାର୍, ମରିଯାଇଥିବା ପକ୍ଷୀ ।

× × × ×

ଶିକ୍ଷକ କ୍ଲାସ୍‌ରେ ପଢ଼ାଉଥିବା ସମୟରେ କହିଲେ, ତୁମ ଭିତରେ ଯିଏ ମୂର୍ଖ ସିଏ ଠିଆ ହୁଅ । ରାଜୁ ସଙ୍ଗେ ସଙ୍ଗେ ଠିଆ ହୋଇଗଲା ।
ଶିକ୍ଷକ : ଆରେ ରାଜୁ ତୁ କ'ଣ ମୂର୍ଖ ?
ରାଜୁ: ମାମ୍, ଆପଣ ଏକା ଠିଆ ହୋଇଥିବାର ଦେଖି ମୁଁ ଠିଆ ହୋଇଗଲି ।

× × × ×



ରାଜୁ ଅଫିସରେ ପହଞ୍ଚିବା ବେଳେ ଭାରି ଖୁସି ଜଣାପଡୁ ଥାଏ । ଏହା ଦେଖି
ରମେଶ: କ'ଣ କିରେ ଆଜି ଭାରି ଖୁସି ଖୁସି ଜଣାପଡୁଛୁ । କ'ଣ ହେଇଛି କି ?
ରାଜୁ: ଜୀବନରେ ପ୍ରଥମ ଥର ପାଇଁ ଗୋଟେ ସୁନ୍ଦର ଝିଅ ମୋ ସହ କଥା ହେଲା ।
ରମେଶ: ସତ ! କ'ଣ କହିଲା- ଉଠ, ଏଇଟା ଲେଡିଜ୍ ସିଟ୍ ।

× × × ×

ସ୍ତ୍ରୀ ରାଗିକି : ତମେ ମତେ ଧୋକା ଦେଇଛ ।
ସ୍ୱାମୀ: ମୁଁ କ'ଣ ଏମିତି କରିଛି କି ?
ସ୍ତ୍ରୀ: କିଛି ଜାଣି ନ ନାଇଁ । ତମେ ମତେ କାହିଁକି ଲୁଚେଇ ରଖିଥିଲ ଯେ, ତମର ରାଣୀ ନାଁରେ ଆଗରୁ ଏକ ସ୍ତ୍ରୀ ଅଛି ବୋଲି ?
ସ୍ୱାମୀ: ମୁଁ ତ ଲୁଚେଇନି ।
ସ୍ତ୍ରୀ: ଏତେ ମିଛ କୁହନି । କେବେ କହିଥିଲ ?
ସ୍ୱାମୀ: ବାହାଘର ବେଳେ ମୁଁ ତମ ବାପାଙ୍କୁ କହିଥିଲି- ମୁଁ ଆପଣଙ୍କ ଝିଅକୁ ପୁରାପୁରି ରାଣୀ ଭଳି ରଖିବି ।

× × × ×

ଗୋବିନ୍ଦ ବାବୁ ନିଜ ସ୍ତ୍ରୀର ହାତକୁ ଧରି ପାର୍କରେ ବେଶ୍ ଖୁସିରେ ବୁଲୁଥାନ୍ତି ।
ଏତିକି ବେଳେ ଏକ ଦୁଷ୍ଟ ପିଲା ଆସି : ଅଙ୍କଲ କାଲି ଯିଏ ଆପଣଙ୍କ ସହ ଥିଲେ ସେ ବେଶି ସୁନ୍ଦର ଥିଲେ ।
ଗୋବିନ୍ଦ ବାବୁଙ୍କ ସ୍ତ୍ରୀ ରାଗିକି ଚାଲିଗଲେ ।
ପରେ ଡିଭୋର୍ସ ବି ଦେଇଦେଲେ ।
ଗୋବିନ୍ଦ ବାବୁ ଏବେ ପାର୍କରେ ସେ ପିଲାକୁ ଖୋଜୁଛନ୍ତି ।

# ପରଟା ସହ ଚା' ପିଉଛନ୍ତି କି

ଯଦି ଆପଣ ଚା' ସହିତ ଗରମ ପରଟା ବା ପୁରୀ ଖାଉଛନ୍ତି ଏହା ସାରା ଦିନ ଏସିଡିଟି ବୃଦ୍ଧି କରିଥାଏ । କାରଣ ଚା' ଓ ପରଟା ପେଟକୁ ଖରାପ କରିଦିଏ । ବିଶେଷଜ୍ଞଙ୍କ ଅନୁସାରେ ଯେଉଁ ବ୍ୟକ୍ତି ଅଜାଣତରେ ଏହାକୁ ଖାଉଛନ୍ତି ଆଜିଠାରୁ ବନ୍ଦ କରି ଦିଅନ୍ତୁ । କାହିଁକି ନା ଚା'ରେ ଥିବା କାଫିନ ଏସିଡକୁ ବଢ଼ାଇଥାଏ । ଏଥିଯୋଗୁ ଖାଲି ପେଟରେ ଶରୀର ପିଏଚ୍ ବାଲାନ୍ସ ବିଗିଡି ଯାଏ, ବଦହଜମୀ ଓ ହାର୍ଟ ବର୍ଣ୍ଣ ସମସ୍ୟା ଉପୁଜିଥାଏ ।

ଚା ସହ ଜଳଖିଆ ଖାଆନ୍ତୁନି: ଅଧ୍ୟୟନ ଅନୁସାରେ ଚା'ରେ ଥିବା ଫେନୋଲିକ୍ କେମିକାଲ କାରଣରୁ ପେଟରେ ଆଇରନ କମ୍ପ୍ଲେକ୍ସ ବିକଶିତ ହୋଇଥାଏ, ଯଦ୍ୱାରା ଆଇରନ ଅବଶୋଷଣରେ ବାଧା ଉପନ୍ନ ହୋଇଥାଏ । ଏଥିଲାଗି ଚା' ସହିତ ମିଶ୍ରଣ କରି ଜଳଖିଆ ଖାଇବା ଉଚିତ ନୁହେଁ ।

ଶରୀରକୁ ପୋଷକ ତତ୍ତ୍ୱ ମିଳେ ନାହି : ଚା'ରେ ଥିବା ଟେନିନ୍, ପ୍ରୋଟିନ୍ ସହିତ ମିଶି ଶରୀର ଅବଶୋଷଣକୁ ରୋକିଥାଏ ଓ ଆଣ୍ଟିନ୍ୟୁଟ୍ରିଏଣ୍ଟ ରୂପେ କାର୍ଯ୍ୟ କରିଥାଏ । ଏକ ଅଧ୍ୟୟନ ଅନୁସାରେ ଟେନିନ୍, ପ୍ରୋଟିନ ପାଚନକୁ ୩୮% ପର୍ଯ୍ୟନ୍ତ ଧୀମା କରି ଦିଏ । ଏହାରମାନେ, ଆମେ ଯେତିକି ପୋଷକ ତତ୍ତ୍ୱ ଗ୍ରହଣ କରିଥାଉ ଚା' ସେବନ ସହିତ ପରଟା ଖାଇବା ଦ୍ୱାରା ଶରୀର ଏହାକୁ ଠିକ୍ ଭାବରେ ଉପଯୋଗ କରିପାରେ ନାହିଁ, ପୋଷକ ତତ୍ତ୍ୱ ଉପଯୋଗରେ ବାଧା ଉପୁଜି ଥାଏ ।

ଯଦି ଆପଣଙ୍କ ଚା' ଅଭ୍ୟାସ ରହିଛି ତେବେ ଖାଇବାର ୪୫ ମିନିଟ ପରେ ଚା' ପିଇବା ଉଚିତ । ସନ୍ଧ୍ୟା ଜଳଖିଆର ଏକ ଘଣ୍ଟା ପରେ ଚା' ପିଇ ପାରିବେ । ଯଦି ଆପଣଙ୍କର ଚା' ପିଇବା ପରେ ଏସିଡ୍ ସମସ୍ୟା ରହୁଛି ଛାତି ଜ୍ୱଳନ ହେଉଛି ତେବେ କଫି ବା ଚା' ପିଇବା ପୂର୍ବରୁ ପାଣି ପିଅନ୍ତୁ ।

ବେଡ୍ ଟି : ଭାରତୀୟଙ୍କ ବେଡ ଟି' ପିଇବାର ସୌକ ରହିଛି । ତେଣୁ ସକାଳୁ ଚା' ପିଇବାର ୧୦-୧୫ ପୂର୍ବରୁ ନିଶ୍ଚୟ ନଖ ଉଷୁମ ପାଣି ପିଅନ୍ତୁ ।

ଅଧିକ ଥର ଚା' ପିଉଥିଲେ: ଅତି ବେଶିରେ ଦିନକୁ ୨ରୁ ୩ କପ୍ ଚା' ପିଇବା ଉଚିତ ଅଧିକ ଚା' ପିଇବା ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ । ଅଧିକ ଚା' ପିଇବା ଦ୍ୱାରା ଦାନ୍ତ ହଳଦିଆ ପଡିଥାଏ, କ୍ୟାବେଟି ସମସ୍ୟା ବଢ଼ିଯାଏ ।

ଦିନକୁ ୪ରୁ ଅଧିକ ଥର ଚା' ପିଇବା ଦ୍ୱାରା ଡିହାଇଡ୍ରେସନ ଓ ଗ୍ୟାସ, ଏସିଡିଟି ସମସ୍ୟା ଦେଖାଦିଏ । ଚା'ରେ ଥିବା ଟେନିନ୍, ପାଚନ ତନ୍ତ୍ରରେ ଆଇରନ ଅବଶୋଷଣକୁ ହ୍ରାସ କରିଥାଏ । ଚା' ପିଇବା ଦ୍ୱାରା ନିଦ ଠିକ୍ ଭାବରେ ହୁଏ ନାହିଁ । ମାନସିକ ଅସ୍ଥିରତା ଓ ଥକ୍କାପଣ ସମସ୍ୟା ଉପୁଜିଥାଏ ।

# ମୂଳାର ଉପକାରିତା

**ଶୀ**ତଦିନେ ବହୁ ରଙ୍ଗବେରଙ୍ଗର ପରିବା ମିଳିଥାଏ । ଏହା ମଧରେ ନିଜକୁ ସ୍ୱତନ୍ତ୍ର ଭାବେ ସଜାଇଥାଏ ଧୋବ ଫରଫର ମୂଳା । ସ୍ୱାଦିଷ୍ଟ ହେବା ସହ ଏହା ଔଷଧୀୟ ଗୁଣରେ ବି ଭରପୁର ।

ମୂଳା ଖାଇବା ଦ୍ୱାରା ହଜମ କ୍ରିୟା ସହଜ ହୋଇଥାଏ । ଏହା ଅରକ୍ତ ଶର୍କରା ଏବଂ ରକ୍ତଚାପ ନିୟନ୍ତ୍ରଣ କରିପାରେ । ଏଥିରେ ଭିଟାମିନ୍ ସି’, ଏ’, ବି’ ସହିତ ଲୌହସାର, ମ୍ୟାଗ୍ନେସିୟମ ପରି ଗୁରୁତ୍ୱପୂର୍ଣ୍ଣ ଖଣିଜ ରହିଛି ।

ମୂଳାରେ ପ୍ରାକୃତିକ ଯୌଗିକ ଭାବେ ସଲ୍‌ଫୋରାଫେନ୍ ରହିଛି ଯାହା ଏକ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଫଙ୍ଗାଲ, ଆଣ୍ଟି- ମାଇକ୍ରୋବାୟାଲ ଏବଂ କର୍କଟ ପ୍ରତିରୋଧୀ ଭାବେ କାର୍ଯ୍ୟ କରେ ।

୯୩ପ୍ରତିଶତରୁ ଅଧିକ ପାଣି ମୂଳାରେ ରହିଛି । ଏଥିରେ କାର୍ବୋହାଇଡ୍ରେଟ୍ ଖୁବ୍ କମ୍ ରହିଥିବା ବେଳେ ଫ୍ୟାଟ୍ ଆଦୌ ନାହିଁ ।

ପ୍ରତିଦିନ ଗୋଟିଏରୁ ଦୁଇଟି ମୂଳା ଖାଇବା ନିରାପଦ । ଅଧିକ ଖାଇଲେ ପେଟ ଯନ୍ତ୍ରଣା ଓ ଜଳାପୋଡ଼ା ହୋଇପାରେ ।

ମୂଳାପତ୍ର ମଧ ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ । ଏଥିରେ ଲୌହସାର, କ୍ୟାଲସିୟମ, ଫଲିକ୍ ଏସିଡ,



ଭିଟାମିନ୍ ସି’, ଫସ୍‌ଫରସ ଆଦି ପ୍ରଚୁର ପରିମାଣରେ ରହିଥାଏ ।

ରାତିରେ ମୂଳା ଖାଇଲେ ରକ୍ତ ଶର୍କରା କମିଯାଇ ପାରେ ଏବଂ ଭିଟାମିନ୍ ସି’ ନିଦ ହେବାକୁ ଦେଇନଥାଏ ବୋଲି ରାତିରେ ମୂଳା ଖାଇବା ମନା । ଅଧିକ ଉପକାର ପାଇବା ଲାଗି ସକାଳ ଜଳଖିଆ କିମ୍ବା ଦ୍ୱିପ୍ରହର ଖାଦ୍ୟରେ ମୂଳା ଖାଇପାରିବେ । ଭଲଭାବେ ସଫା କରି ମୂଳାକୁ ଖାଦ୍ୟରେ ବ୍ୟବହାର କରନ୍ତୁ ।

ତେବେ ଆଲର୍ଜି ଥିବା, ଅସ୍ତ୍ରୋପଚାର ହୋଇଥିବା, ଡିହାଇଡ୍ରେସନ୍ ତଥା ଥାଇରଏଡ୍, କିଡ୍‌ନି ଓ ଗଲ୍‌ବ୍ଲାଡର ସମସ୍ୟା ଆଦି ଥିବା ଲୋକ ମୂଳା ଖାଇବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ ।

# ଥଣ୍ଡାରୁ ମୁକ୍ତିଦେବ ଅଦା ଓ ଗୁଡ

**ଶୀ**ତଦିନେ ଥଣ୍ଡା ଓ କାଶରୁ ମୁକ୍ତି ପାଇବା ପାଇଁ ଅନେକ ଅଦା ଚା’ ପିଅନ୍ତି । କିନ୍ତୁ ଆପଣ ଜାଣିଛନ୍ତି କି ଏଥରେ ଯଦି ଚିନି ବଦଳରେ ଗୁଡ ବ୍ୟବହାର କରିବେ ତେବେ ଏହା ସ୍ୱାସ୍ଥ୍ୟ ଲାଗି ମହୌଷଧୀ ତୁଲ କାମ କରିଥାଏ । ଶୀତ ଯୋଗୁଁ ଯଦି ଥଣ୍ଡା ଓ କାଶରେ ପୀଡିତ ହୋଇ କଷ୍ଟ ଭୋଗୁଛନ୍ତି ତେବେ ଅଦା ରସ ସହିତ ଗୁଡ ମିଶାଇ ସେବନ କରିବେ ଏହା ସ୍ୱାସ୍ଥ୍ୟ ଲାଗି ବିଶେଷ ଫଳଦାୟୀ । ଏହା କେବଳ ଶରୀରର ଉଷ୍ଣତାକୁ ବଜାୟ ରଖେ ତାହା ନୁହେଁ, ଆହୁରି ମଧ ଇମ୍ୟୁନିଟିକୁ ମଜଭୁତ କରିଥାଏ । ଏହି ଦୁଇଟି ସାମଗ୍ରୀ ପ୍ରାଚୀନ ଆୟୁର୍ବେଦରେ ସ୍ୱାସ୍ଥ୍ୟବର୍ଦ୍ଧକ ଗୁଣ ଲାଗି ବିଶେଷ ପରିଚିତ । ଆସନ୍ତୁ ଜାଣିବା ଅଦା ଓ ଗୁଡ ଆମ ସ୍ୱାସ୍ଥ୍ୟ ଲାଗି କେତେ ଉପକାରୀ ।

ପାଚନ ଶକ୍ତି ବୃଦ୍ଧି କରେ: ଅଦା ପାଚନ କ୍ରିୟାକୁ ଠିକ୍ ରଖିଥାଏ । ଏହା ଏସିଡିଟି, ଗ୍ୟାସ୍ ଓ କବଜରୁ ମୁକ୍ତି ଦିଏ । ଗୁଡରେ ରହିଥିବା ତତ୍ତ୍ୱ ଖାଦ୍ୟ ସହିତ



ମିଶି ପାଚନ ରସକୁ ବୃଦ୍ଧି କରିଥାଏ । ଯାହାକି ଖାଦ୍ୟ ଉତ୍ତମ ରୂପରେ ହଜମ ହୁଏ ।

ଶୀତଦିନେ ଶରୀରକୁ ଉଷ୍ଣତା ପ୍ରଦାନ କରେ: ଅଦା ଓ ଗୁଡରେ ଥର୍ମୋଜେନିକ ଗୁଣ ଭରି ରହିଛି, ଯାହା ଶରୀରର ଆଭ୍ୟନ୍ତରୀଣ ଭାଗକୁ ଗରମ ରଖିଥାଏ । ଯଦି ଶୀତ ଦିନେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ଚାହୁଁଛନ୍ତି ତେବେ ଅଦା ଓ ଗୁଡ ମିଶ୍ରିତ କାଢା ପିଅନ୍ତୁ ।

ମାଂସପେଶୀ ଯନ୍ତ୍ରଣାରୁ ମୁକ୍ତି ମିଳିବ: ଅଦାରେ ଥିବା ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ମାଂସପେଶୀ ଯନ୍ତ୍ରଣା ଓ ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ଏଥିରେ କ୍ୟାଲସିୟମ୍ ଓ ପୋଟାସିୟମ୍ ସ୍ରୋତ ଉତ୍ତମ ମାତ୍ରାରେ ରହିଛି, ଯାହାକି ହାଡକୁ ମଜଭୁତ କରିଥାଏ ।

ରକ୍ତଚାପ ନିୟନ୍ତ୍ରଣ ରଖେ: ଗୁଡରେ ପୋଟାସିୟମ୍ ରହିଛି, ଯାହାକି ବ୍ଲଡ ପ୍ରେସରକୁ ନିୟନ୍ତ୍ରଣ କରିଥାଏ । ଅଦା ରକ୍ତକୁ ପତଳା କରିଥାଏ, ଯଦ୍ୱାରା ରକ୍ତ ପ୍ରବାହ ଉତ୍ତମ ରହିଥାଏ ହୃଦୟ ସୁସ୍ଥ ରହିଥାଏ ।

ମାସିକ ଧର୍ମ ଯନ୍ତ୍ରଣାରୁ ମୁକ୍ତି ଦିଏ: ଅଦାରେ ଥିବା ତତ୍ତ୍ୱ ମାସିକ ଧର୍ମ ଜନିତ ଯନ୍ତ୍ରଣାରୁ ମୁକ୍ତି ଦିଏ । ଗୁଡ ଶରୀରରେ ଏଣ୍ଡୋର୍ଫିନ୍ ହର୍ମୋନ ବଢ଼ାଇଥାଏ । ଯାହାକି ଯନ୍ତ୍ରଣା ଓ ମୁଡ ସୋଇଂରୁ ମୁକ୍ତି ଦେଇଥାଏ ।

ଇମ୍ୟୁନିଟି ବୃଦ୍ଧି କରେ: ଗୁଡରେ ଆଇରନ, ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍ ଭଳି ଖଣିଜ ପଦାର୍ଥରେ ଭରି ରହିଛି, ଯାହାକି ରୋଗ ପ୍ରତିରୋଧକ କ୍ଷମତାକୁ ମଜଭୁତ କରିଥାଏ । ଅଦାରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଓ ଆଣ୍ଟି-ବ୍ୟାକ୍ଟେରିଆଲ ଗୁଣ ପ୍ରଚୁର ରହିଛି, ଯାହାକି ସର୍ଦ୍ଦି- ଥଣ୍ଡା ଓ ଗଳା ଖରାପରୁ ରକ୍ଷା କରିଥାଏ ।

# ଶରୀର ପାଇଁ ଭଲ ଗୁଜୁରାତି

**ସା**ଧାରଣତଃ ଗୁଜୁରାତିକୁ ମୁଖବାସ କିମ୍ବା ମସଲାଭାବେ ଗ୍ରହଣ କରାଯାଏ । କିନ୍ତୁ ଏହାର ଅନେକ ଫାଇଦା ରହିଛି ।

ପେଟ ପାଇଁ ଗୁଜୁରାତି ବହୁତ ଭଲ । କାରଣ ଏହା ଗ୍ୟାସ୍, ବଦହଜମି ଭଳି ସମସ୍ୟାରୁ ଅନେକାଂଶରେ ମୁକ୍ତି ଦେଇଥାଏ ।

ଗୁଜୁରାତି ଖାଇବା ଫଳରେ ୟୁରିନ୍ ଫ୍ଲୋ ଅଧିକ ହୋଇଥାଏ । ଫଳରେ ଶରୀରରୁ ଅଧିକ ବିଷାକ୍ତ ପଦାର୍ଥ ବାହାରି ଯାଇଥାଏ । ତେଣୁ କିଡ୍‌ନୀର କାର୍ଯ୍ୟକ୍ଷମତା ବଢିଥାଏ ଓ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ ।

ଗୁଜୁରାତିକୁ ସାଧାରଣତଃ ମାଉଥ୍ ଫ୍ରେଶନର୍ ଭାବେ ବ୍ୟବହାର କରାଯାଏ । ଏହାକୁ ଚୋବାଇ ଖାଇଲେ ପ୍ରାକୃତିକଭାବେ ପାଟିର ଦୁର୍ଗନ୍ଧ ଦୂର ହୋଇଥାଏ । ତେଣୁ ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ ଓ ଲୋକଙ୍କ ସହ ଯୋଗାଯୋଗ କରିବା ପାଇଁ ସହଜ ହୋଇଥାଏ ।

ପ୍ରତିଦିନ ଗୁଜୁରାତି ଖାଇଲେ ମାନସିକ ସ୍ୱାସ୍ଥ୍ୟ ବି ଭଲ ହୋଇଥାଏ । ଏହା ମନକୁ ଶାନ୍ତ ରଖିବାରେ ସାହାଯ୍ୟ କରିଥାଏ ଓ ମୁଡ୍ ଭଲ ରଖେ ।

ଗୁଜୁରାତିକୁ ପ୍ରତିଦିନ ଖାଇବା ଫଳରେ ରକ୍ତ ଚାପର ସ୍ତର ଉପରେ ସକାରାତ୍ମକ ପ୍ରଭାବ ପଡିଥାଏ । ଫଳରେ ହାର୍ଟ ଆଟାକ୍‌ର ଆଶଙ୍କା ମଧ ଅନେକାଂଶରେ କମ୍ ହୋଇଥାଏ ।

# ଶରୀରକୁ ନିଷ୍କ୍ରିୟ କରେ ଚିନି

**ଆ**ମ୍ଭେମାନେ ସମସ୍ତେ ଚିନିକୁ ନିତିଦିନିଆ ଖାଇବା ତାଲିକାରେ ସାମିଲ କରିଛନ୍ତି । ହେଲେ ଚିନି ହେଉଛି ଏକ ବିଷ, ଯାହା ଧୀରେ ଧୀରେ ଶରୀରର ଅଙ୍ଗ ପ୍ରତ୍ୟଙ୍ଗକୁ ନିଷ୍କ୍ରିୟ କରିଦିଏ ।



ଚିନି ତିଆରି କରିବାରେ ସଲଫର ବ୍ୟବହାର କରାଯାଏ । ଏହି ସଲଫର ମଧ ବାଣ ତିଆରି କରିବାରେ ବ୍ୟବହାର କରାଯାଇଥାଏ । ଏହା ଶରୀର ପାଇଁ ବହୁତ କ୍ଷତିକାରକ । ଥରେ ଏହା ଶରୀର ମଧକୁ ଗଲେ ଆଉ ବାହାରକୁ ବାହାରେ ନାହିଁ ।

ଚିନି ଶରୀରରେ କୋଲେଷ୍ଟରଲ ବଢ଼ାଏ, ଏହା ହୃଦଘାତ ପାଇଁ ମୁଖ୍ୟତଃ ଦାୟୀ ।

ଚିନି ଶରୀରରେ ମେଦ ବଢ଼ାଏ, ଏଣୁ ଅଧିକ ଚିନି ଖାଉଥିବା ଲୋକ ମୋଟା ହୋଇଯାନ୍ତି ।

ଚିନି ଉଚ୍ଚ ରକ୍ତଚାପ ବଢ଼ାଏ । ଏହାଦ୍ୱାରା ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧେ ଓ ମସ୍ତିଷ୍କ ନିଷ୍କ୍ରିୟ ହୋଇଯାଏ ।

ଚିନିରେ ସୁକୋଜ ରହିଛି, ଯାହା ହଜମ ହୁଏ ନାହିଁ ।

ଡାଇବେଟିସ୍ ପାଇଁ ମୁଖ୍ୟତଃ ଦାୟୀ ଚିନି । ପାକସ୍ଥଳୀ ପୋଡିବାର ମୁଖ୍ୟ କାରଣ ହେଉଛି ଚିନି । କେତେକ ଲୋକ ଏସବୁ ଜାଣିବା ପରେ ବି ଚିନି ଖାଇବା ଛାଡି ନ ଥାନ୍ତି, ଏଥିପାଇଁ ବହୁ ସମସ୍ୟାର ସମ୍ମୁଖୀନ ହୁଅନ୍ତି ।

## ଆପଣ ଜାଣନ୍ତି କି ?

- ଅମର ଜେଲି ଫିଶ୍ ଅନିଶ୍ଚିତ କାଳ ପର୍ଯ୍ୟନ୍ତ ମୃତ୍ୟୁକୁ ଧୋକା ଦେବାରେ ସକ୍ଷମ ।
- ଅକ୍ଟୋପସ୍‌ର ତିନୋଟି ହୃଦୟ ଥାଏ ।
- ପ୍ରଜାପତି ପାଦ ସାହାଯ୍ୟରେ ସ୍ୱାଦ ଜାଣିଥାନ୍ତି ।
- ଶାର୍କ ମାଛ ବର୍ଷକରେ ୧୦ ଜଣଙ୍କୁ ହତ୍ୟା କରିଥାଏ ।
- ମଣିଷ ବର୍ଷକରେ ୧ କୋଟି ଶାର୍କଙ୍କୁ ହତ୍ୟା କରିଥାଏ ।
- ଜଙ୍ଗଲି ଡଲଫିନମାନେ ପରସ୍ପରକୁ ନାମ ଧରି ଡାକନ୍ତି ।
- ଘୋଡ଼ାମାନେ ମୁହଁର ଭାବଭଙ୍ଗୀ ଦ୍ୱାରା ପରସ୍ପର ସହିତ କଥା ହୋଇଥାନ୍ତି ।
- ପେଚାମାନଙ୍କର ଆଖିର ପିତୁଳା (ଆଇବଲ୍) ନଥାଏ ସେମାନଙ୍କର ଆଇଟ୍ୟୁବ୍ ରହିଥାଏ ।
- କୁକୁରର ଘ୍ରାଣଶକ୍ତି ମାନବଠାରୁ ୧୦୦ ଗୁଣ ଅଧିକ ।
- ୨୦୧୪ ରେ ୧୪ ପ୍ରକାର ନୂଆ ପ୍ରଜାତିର ନୃତ୍ୟ କରୁଥିବା ବେଙ୍ଗ ଆବିଷ୍କାର କରାଯାଇଥିଲା । ଏବେ ବିଶ୍ୱରେ ୨୪ ପ୍ରକାର ନୃତ୍ୟ କରୁଥିବା ବେଙ୍ଗ ରହିଛନ୍ତି ।
- ମଣିଷ ବେକରେ ଯେତିକି ହାଡ଼ ଥାଏ, ଏକ ଜିରାଫର ବେକରେ ସେତିକି ହାଡ଼ ଥାଏ ।
- ବିଶ୍ୱର ଦ୍ରୁତଗତିରେ ପହଁରାଳୀ ସେଲଫିଶ୍, ସେ ଘଣ୍ଟାକୁ ୬୫ କିଲୋମିଟର ବେଗରେ ପହଁରିଥାଏ ।
- ଏକ ଚଟୁନ୍ଦ୍ରା ଗୋଟିଏ ରାତିରେ ୩୦୦ ଫୁଟର ଗାତ ଖୋଳିପାରେ ।

## କହିପାରିବେ କି ?

(୧) ଦେଶବ୍ୟାପୀ ସରକାରୀ ବିଦ୍ୟାଳୟରେ ଦିଆଯାଉଥିବା ମଧାହ୍ନ ଭୋଜନ କେଉଁ ରାଜ୍ୟରୁ ଆରମ୍ଭ ହୋଇଥିଲା ?
(୨) ମହାକାଶକୁ ପ୍ରଥମେ ଯାତ୍ରା କରିଥିବା ପ୍ରଥମ ଭାରତୀୟ କିଏ ?
(୩) ରାମାୟଣରେ ଶ୍ରୀରାମଙ୍କ ବନବାସ ବେଳେ ସୀତାଙ୍କୁ କିଏ ଅମ୍ଳାନ୍ତ ବସ୍ତ୍ର ଦେଇଥିଲେ ?
(୪) ଭାରତର ଜାତୀୟ ପକ୍ଷୀର ନାମ କ’ଣ ?
(୫) ଜଳଧାରଣ କ୍ଷମତା ଅନୁଯାୟୀ ପୃଥିବୀର ସର୍ବବୃହତ୍ ନଦୀର ନାମ କ’ଣ ?
(୬) ନ୍ୟୁକ୍ଲିୟର୍ କିଏ ଆବିଷ୍କାର କରିଥିଲେ ?
(୭) କେଉଁ ପ୍ରଧାନମନ୍ତ୍ରୀଙ୍କ ସମୟରେ ମଣ୍ଡଳ କମିଶନ ଗଠିତ ହୋଇଥିଲା ?
(୮) ନନ୍‌ଷ୍ଟିକ୍‌ବାସନରେ କେଉଁ ଲେପ ଦିଆଯାଇଥାଏ ?
(୯) ତ୍ରିପିଟକ କେଉଁ ଧର୍ମର ଲୋକଙ୍କର ଧର୍ମଗ୍ରନ୍ଥ ?
(୧୦) କେଉଁ ବାଳକ ଭଗବାନ ବିଷ୍ଣୁଙ୍କୁ ଆରାଧନା କରି ନକ୍ଷତ୍ର ଭାବେ ଶୋଭା ପାଉଛନ୍ତି ?

### JUMBLE WORDS

| | | | |
|---|---|---|---|
| 1) UPNTI | = | 6) SCHUR | = |
| 2) FOTYL | = | 7) DGUSEL | = |
| 3) LARSIO | = | 8) PMLIPE | = |
| 4) DEGAAN | = | 9) TDHIC | = |
| 5) HMASE | = | 10) NYIKD | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, “ସ୍ୱୀକାର”, ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ଶୁକ୍ରଗ୍ରହ, ୨. ଜିରାଫ, ୩. ୧୨ ବର୍ଷ, ୪. ବିଲଗେଟସ୍, ୫. ଜର୍ଜ ଓ୍ୱାସିଙ୍ଗଟନ୍, ୬. ଆବ୍ରାହମ୍ ଲିଙ୍କନ, ୭. ବେରିବେରି, ୮. ଭିଟାମିନ୍-ଡି, ୯. ୧୯୮୩, ୧୦. ମେଜର ଧ୍ୟାନଚାନ୍ଦ ।

***Jumble Words*** ର ଉତ୍ତର :-

(1) AFTER (2) UNCUT (3) AFFIRM (4) SESAME (5) CLUNR (6) RATIO (7) RADIUS (8) SPEEDY (9) RARER (10) PETTY

# କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବରେ ବିଜେଡିର ସମସ୍ତ ଯୋଜନା ବିଫଳ

ଝାରସୁଗୁଡ଼ା: କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ପାଇଁ ସ୍ୱତନ୍ତ୍ର ବୈଠକ ପୂର୍ବରୁ ରାଜନୈତିକ ଛକାପଞ୍ଝା ଭିତରେ ହାଇଡ୍ରାମା ଦେଖିବାକୁ ମିଳିଥିଲା । ପାଖରେ ଆବଶ୍ୟକ ସଂଖ୍ୟା ଥିବା ସତ୍ତ୍ୱେ ବିଜେଡିର ସମସ୍ତ ଯୋଜନା ନିଷ୍ଫଳ ହୋଇଯାଇଛି ଓ ଗାଦି ସୁରକ୍ଷିତ ରଖିବାରେ ବ୍ଲକ ଅଧ୍ୟକ୍ଷା ସଫଳ ହୋଇଛନ୍ତି । ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଆହୁତ ସ୍ୱତନ୍ତ୍ର ବୈଠକ ତଥା ମତଦାନ କରିବାକୁ କେହି ବି ନ ଆସିବାରୁ ପ୍ରସ୍ତାବ ବାତିଲ୍ ହୋଇଛି । ପଞ୍ଚାୟତ ସମିତିର ଆଇନ ଅନୁଯାୟୀ ଅନାସ୍ଥା ପ୍ରସ୍ତାବକୁ ନେଇ ଆହୁତ ବୈଠକରେ ଦୁଇ ତୃତୀୟାଂଶ ସଭ୍ୟ ସଭ୍ୟାଙ୍କ ଠାରୁ କମ୍ ସଂଖ୍ୟକ ସଭ୍ୟ ସଭ୍ୟା ଉପସ୍ଥିତ ହେଲେ ଅବା କେହି ବି ନ ଆସିଲେ ଏକ ବର୍ଷ ଯାଏଁ କୌଣସି ପ୍ରକାର ଅନାସ୍ଥା ପ୍ରସ୍ତାବ ଅଣା ଯାଇ ପାରିବ ନାହିଁ । ସେ ଦୃଷ୍ଟିରୁ ଅଧ୍ୟକ୍ଷା ପରବର୍ତ୍ତୀ ଏକ ବର୍ଷ ପାଇଁ ନିଜ ଆସନ ସୁରକ୍ଷିତ ରଖିବା ସହ ଆଉ ଅନାସ୍ଥାର ସମ୍ମୁଖୀନ ହେବେ ନାହିଁ ।

ପୂର୍ବ ଘୋଷଣା ଅନୁଯାୟୀ କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ସ୍ୱତନ୍ତ୍ର ଆଲୋଚନା ସକାଶେ ଗତ ୧୦ ତାରିଖ ଦିନ ସ୍ୱତନ୍ତ୍ର ବୈଠକ ଉପ ଜିଲ୍ଲାପାଳଙ୍କ ପକ୍ଷରୁ ଡକାଯାଇଥିଲା । ନିର୍ଦ୍ଧାରିତ ସମୟ ସକାଳ ସାଢ଼େ ୧୦ଟାରେ ଅଧିକୃତ ଅଧିକାରୀ ପିଏ ଆଇଟିଡିଏ ସଞ୍ଜୀବ ପଟେଲ କିର୍ମିରା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚିଥିଲେ । ମାତ୍ର ଦୀର୍ଘ ସମୟ ଅପେକ୍ଷା ପରେ ବି ସ୍ୱତନ୍ତ୍ର ବୈଠକରେ କେହି ଜଣେ ହେଲେ ବି ଆସି ନ ଥିଲେ । ଫଳରେ ସେ ଫେରି ଆସିଥିଲେ । ସ୍ୱତନ୍ତ୍ର ବୈଠକରେ ସଭ୍ୟ ସଭ୍ୟାମାନେ ଯୋଗ ଦେବା ପରେ ଏହି ପ୍ରସ୍ତାବ କାଟ୍ ଖାଇବ ନାଁ ଗୃହୀତ ହେବ ସେନେଇ ଉତ୍କଣ୍ଠା ଲାଗି ରହିଥିଲା । ମାତ୍ର କୌଣସି ସଦସ୍ୟ ସଦସ୍ୟା ନ ଆସିବାରେ ଆଲୋଚନା ଅବା ପ୍ରସ୍ତାବ ଉପରେ ମତଦାନ ସମ୍ଭବ ହୋଇ ନ ଥିଲା ।

ପ୍ରକାଶଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୧୩ ତାରିଖ ଦିନ ୯ ଜଣ ସଭ୍ୟ ସଭ୍ୟା ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ । ପରବର୍ତ୍ତୀ ସମୟରେ ଏହି ମାମଲା ହାଇକୋର୍ଟରେ ଯାଇ ପହଞ୍ଚିଥିଲା । ୧୨ ଜଣ ସରପଞ୍ଚ ଏବଂ ସମିତିସଭ୍ୟ ସଭ୍ୟା ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ଲାଗି ସ୍ୱତନ୍ତ୍ର ବୈଠକ ଆୟୋଜନ କରିବାରେ ପ୍ରଶାସନ ବିଳମ୍ବ କରିବା ବିରୋଧରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ହସ୍ତକ୍ଷେପ କରି ଜିଲ୍ଲାପାଳ ଏବଂ ଉପ ଜିଲ୍ଲାପାଳଙ୍କୁ ବ୍ୟବସ୍ଥାନୁଯାୟୀ ତାରିଖ ଧାର୍ଯ୍ୟ କରିବା ନେଇ ଆଦେଶ ଦେବା ପରେ ଏହା ବିରୋଧରେ ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁ ହାଇକୋର୍ଟରେ ଅପିଲ କରିଥିଲେ । ସାମୟିକ ଏହି ଆଦେଶ ଉପରେ ହାଇକୋର୍ଟ ରୋକ ଲଗାଇବା ପରେ ପୁଣି ରହିତାଦେଶକୁ ଉଠାଇ ଦେଇ ବୈଠକ ସକାଶେ ତାରିଖ ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁଯାୟୀ ଉପ ଜିଲ୍ଲାପାଳ ଜାନୁଆରୀ ୧୦ ତାରିଖ ସ୍ୱତନ୍ତ୍ର ବୈଠକ ଆୟୋଜନ ପାଇଁ ତାରିଖ ଧାର୍ଯ୍ୟ କରିଥିଲେ ।

ଗତ ୮ ତାରିଖ ଦିନ ଏହି ଘଟଣାକୁ କେନ୍ଦ୍ରକରି ବିଜେପି ଓ ବିଜେଡି ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଥିଲା । ଗତ ସେପ୍ଟେମ୍ବର ମାସରେ ଅନାସ୍ତା ପ୍ରସ୍ତାବ ଆଗତ କରିବା ପରେ ବିଜେଡି ସମର୍ଥକମାନଙ୍କୁ ଆଉ ଦେଖିବାକୁ ମିଳି ନ ଥିଲା । ୮ ତାରିଖ ଦିନ ଏ ସମ୍ପର୍କରେ ଲଇକେରା ଥାନାରେ ଏ ବାବଦରେ ଏକ ଏତଲା ରୁଜୁ ହୋଇଥିଲା । ଯେଉଁଥିରେ କିର୍ମିରା ସମିତିସଭ୍ୟା ବାସନ୍ତି ଧରୁଆ ତାଙ୍କ ସ୍ୱାମୀ ରମେଶ ଚନ୍ଦ୍ର ଧରୁଆ, ଅର୍ଡା ସମିତି ସଭ୍ୟ ଗୁଲାପି ଗର୍ଡିଆ, ଜି.ପାନପାଲି ସମିତି ସଭ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ ଓ ଅର୍ଡା ସରପଞ୍ଚ ବୀଣାପାଣି ପୋଢ଼ ନିଖୋଜ ଥିବା କୁହାଯାଇଥିଲା । ଏହାପରେ ପୁଲିସ୍ ପକ୍ଷରୁ ଏମାନଙ୍କୁ ଠାବ କରିବା ପାଇଁ ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଏପରିକି ସମ୍ବଲପୁରର ଭାଲୁବାହାଲରେ ଥିବା ବିଶାଳ ଦାସଙ୍କ ହୋଟେଲ ଡି'ଲାଉଞ୍ଜ ଉପରେ ମଧ ଚଢ଼ାଉ କରାଯାଇଥିଲା । ତେବେ ଏହି ଘଟଣାର ପ୍ରତିବାଦ କରି ବିଶାଳ ଦାସ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲଙ୍କ ସହିତ ଏକ ପ୍ରତିନିଧି ଦଳ ଉତ୍ତରାଞ୍ଚଳ ଆଇଜିଙ୍କୁ ସାକ୍ଷାତ କରିଥିଲେ । ଇତି ମଧ୍ୟରେ ନିଖୋଜ ବ୍ୟକ୍ତିମାନେ ଛତିଶଗଡ଼ରେ ଥିବା ନେଇ ଟ୍ରାକିଂରୁ ଜଣାପଡିବା ପରେ ସେମାନଙ୍କୁ ଉଦ୍ଧାର କରିବାକୁ ଲଇକେରା ପୁଲିସ୍ ଛତିଶଗଡ଼ ଯାଇଥିଲା ।

ଏହି ସମୟରେ ବିଜେଡି ଯୁବନେତା ବିଶାଳ ଦାସ ଖବର ପାଇ ରାୟପୁର ଅଭିମୁଖେ ଯାଉଥିଲେ । କିନ୍ତୁ ରାସ୍ତାରେ ସରେଇପାଲି ଥାନାରେ ସମିତି ସଭ୍ୟ ସଭ୍ୟା ଏବଂ ସରପଞ୍ଚମାନେ ଅଟକ ଥିବା ଜାଣି ପାରି ସେଠାକୁ ପହଞ୍ଚିଥିଲେ । ପୁଲିସ୍ ସେଠାରେ ବିଶାଳ ଓ ସମର୍ଥକଙ୍କୁ ମଧ ରାତ୍ରି ଦୁଇଟାରୁ ଅଟକ ରଖିଥିଲା ବୋଲି ସହଯୋଗୀମାନେ ପ୍ରକାଶ କରିଛନ୍ତି । ରାତି ପାହିଲେ ଅନାସ୍ଥା ମତଦାନ ଥିବାରୁ ଏଭଳି ଅଟକ ରଖିବା ଘଟଣାକୁ ନେଇ ବିଶାଳ ଦାସ ପ୍ରତିବାଦ କରିଥିଲେ । ମାତ୍ର ପୁଲିସ ଏକ ମାମଲା ରୁଜୁ କରି ଶେଷରେ ବିଶାଳ ଦାସ ଏବଂ ଅନ୍ୟ ମାନଙ୍କୁ ସରେଇପାଲି ପୁଲିସ୍ ବିଏନ୍ଏସ୍-୩୫ ବି ନୋଟିସ୍ କରି ସନ୍ଧ୍ୟାରେ ମୁକ୍ତ କରିଥିଲା ।

ଛତିଶଗଡ଼ ମହାସମୁନ୍ଦ ଜିଲ୍ଲା ସରେଇପାଲି ଥାନାରେ ବିଶାଳ ଦାସ ଏବଂ ଅନ୍ୟ ୧୭ ଜଣଙ୍କୁ ଅଟକ ରଖାଯାଇଥିଲା । ଶେଷରେ ଏମାନଙ୍କୁ ପୁଲିସ ଗିରଫ ଦର୍ଶାଇବା ସହ ସେମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଧାରା ୩୩୧(୪) ଏବଂ ୧୯୧(୨) ଅନୁଯାୟୀ ମାମଲା ରୁଜୁ କରିଥିଲା । ଯେଉଁଥିରେ ବିଶାଳ ଏବଂ ଅନ୍ୟମାନଙ୍କ ଦ୍ୱାରା ହୋଟେଲରେ ବିବାଦ କରାଯିବାରୁ ସେମାନଙ୍କୁ ପଚରା ଉଚରା ଲାଗି ଥାନାକୁ ଆଣିଥିଲା ପୁଲିସ୍ । ସରେଇପାଲି ଠାରେ ଥିବା ହୋଟେଲ ରାଧିକାର ମ୍ୟାନେଜରଙ୍କ ଏତଲା ଆଧାରରେ ଏହି ମାମଲା ରୁଜୁ ହୋଇଥିଲା । ଗତ ୯ ତାରିଖ ଜଣେ ଫୋନ କରି ୯ଟି କୋଠା ବୁକିଂ କରିଥିଲେ । ପ୍ରାୟ ୧୫ ଜଣ ବ୍ୟକ୍ତିଙ୍କ ପାଇଁ ବୁକିଂ ଥିଲା । ପରିଚୟ ପତ୍ର ସନ୍ଧ୍ୟା ପର୍ଯ୍ୟନ୍ତ ଜମା କରି ନ ଥିଲେ । ୮ ହଜାର ଟଙ୍କା ଭଡ଼ା ଅର୍ଥ ଦେଲେ ମାତ୍ର ଆଇଡି ଜମା କଲେ ନାହିଁ । ରାତ୍ରିରେ ୧୦-୧୫ ଜଣ ସଟର୍ ଭାଙ୍ଗି ହୋଟେଲରେ ପ୍ରବେଶ କରିବା ପରେ ପୂର୍ବରୁ ହୋଟେଲରେ ଥିବା ଲୋକେ ମ୍ୟାନେଜରଙ୍କୁ ଧକ୍କା ମାରି ବାହାରେ ଥିବା ଗାଡ଼ିରେ ଚାଲିଗଲେ । ଏହି ଲୋକଙ୍କ ମଧ୍ୟରେ ବିଶାଳ ଦାସ, ଗୋପାଳ କୃଷ୍ଣ ପରସିଆ, ବିଶ୍ୱନାଥ ତ୍ରିପାଠୀ, ପ୍ରକାଶ ଦୀପ, ଜଗତ ରାମ ନିଷାଦ, ସିଦ୍ଧାର୍ଥ ନାଥ ପ୍ରମୁଖ ଥିଲେ ବୋଲି ଏତଲାରେ ଉଲ୍ଲେଖ କରାଯାଇଛି ।

ରାତି ତମାମ ଅଟକ ରଖାଯିବା ଖବର ପ୍ରଚାର ହେବା ପରେ ଝାରସୁଗୁଡ଼ା ଏବଂ କିର୍ମିରା ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ବିଜେଡି ମହଲ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା । ଏହାକୁ ପ୍ରତିଶୋଧର ରାଜନୀତି ଏବଂ ଡାର୍ଟି ପଲିଟିକ୍ସ ବୋଲି ଉଭୟ ବିଶାଳ ଦାସ ଏବଂ ଭଉଣୀ ପୂର୍ବତନ ବିଧାୟିକା ବିଜେଡି ନେତ୍ରୀ ଦୀପାଳି ଦାସ ଶାସକ ବିଜେପି ବିରୋଧରେ ବର୍ଷିଥିଲେ । ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟ କରି ଗଣତନ୍ତ୍ରକୁ ହତ୍ୟା କରିଛି ବିଜେପି । ଭୋଟିଂ ହେଲେ ପରାସ୍ତ ହେବା ଭୟରେ ବିଜେପି ପକ୍ଷରୁ ଏଭଳି କରାଗଲା ବୋଲି ଦୀପାଳି କହିଥିଲେ । ଦିନ ତମାମ ତୁମ୍ଭିତୋଫାନ ହେବା ସହ ବୟାନ ବାଜି ହୋଇଥିଲା । ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ମଧ ଦୀପାଳିଙ୍କ ନେତୃତ୍ୱରେ ବିଜେଡି ନେତୃବର୍ଗ ପ୍ରଦାନ କରିବା ସହ ଏହି ଘଟଣାର ପ୍ରତିବାଦ କରିବା ସାଂଗକୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଥିଲେ ।

# ମାନବିକତା ଦେଖାଇ ଉଦାହରଣ ସୃଷ୍ଟିକଲେ ସମ୍ବଲପୁର ଜିଲ୍ଲାପାଳ

ସମ୍ବଲପୁର : ସମ୍ବଲପୁର ଜିଲ୍ଲା ଧନକଉଡା ବ୍ଲକରେ ହୋଇଥିବା ଜନଶୁଣାଣୀରେ ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଛି । ଯେଉଁଠି ଜିଲ୍ଲାପାଳଙ୍କୁ ଲୋକ ଦେଖା କରିବାକୁ ଲମ୍ବା ଧାଡ଼ି ଲଗାଇଥାନ୍ତି, ସେଠି ଜିଲ୍ଲାପାଳଙ୍କ ଆସନରେ ବସି ବୃଦ୍ଧାଙ୍କୁ ଭତ୍ତା ଦିଆଯାଇଥିଲା । ଭତ୍ତା ପାଇବା ପାଇଁ ବାରଦ୍ୱାର ଶୁଣ୍ଠିପିଣ୍ଡା ହୋଇଥିବା ଧନକଉଡ଼ା ବ୍ଲକ କିଲାସମା ଗାଁର ୬୦ ବର୍ଷ ବୟସ୍କା ବିଧବା କୁନ୍ତଳା ମିର୍ଦ୍ଧାଙ୍କୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଡାକି ନିଜ ଆସନ ଛାଡ଼ି ଦେଇଥିଲେ । ତାଙ୍କର ଭତ୍ତା ଟଙ୍କାକୁ ଆଣି ପ୍ରଦାନ କରିଥିଲେ । ଏହାଦେଖି ସେଠାରେ ଉପସ୍ଥିତ ଥିବା ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ବେଶ ପ୍ରଶଂସା କରିଥିଲେ । ଜିଲ୍ଲାପାଳଙ୍କ ଏଭଳି ଆଚରଣ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ଉପସ୍ଥିତ ଥିବା ଲୋକ କହିଛନ୍ତି ।



# ଏନଏସ୍‌ସିବି କଲେଜରେ ପ୍ରବାସୀ ଭାରତୀୟ ଦିବସ ପାଳିତ




ସମ୍ବଲପୁର: ଏନଏସସିବି ମହାବିଦ୍ୟାଳୟ ପରିସରରେ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷ ଡକ୍ଟର ପ୍ରଦୀପ କୁମାର ହରପାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେରେ ସ୍ନାତକୋତ୍ତର ଇତିହାସ ବିଭାଗମୁଖ୍ୟ ପ୍ରଫେସର ଦୁଲ୍ଲଭ କୁମାର ସା ମୁଖ୍ୟ ଅତିଥି, ଡକ୍ଟର ରଘୁମଣି ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପ୍ରବାସୀ ଭାରତୀୟମାନଙ୍କ ଭୂମିକା ଓ ଅର୍ଥନୈତିକ ବିକାଶରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ତଥା ସ୍ନାତକୋତ୍ତର ଓଡ଼ିଆ ବିଭାଗମୁଖ୍ୟ ଡକ୍ଟର ଶ୍ୟାମ ଭୋଇ ପରିଚାଳନା କରିଥିଲେ ଓ ଅଧାପକ ଦେବେନ୍ଦ୍ର ଭୁଏ , ଅଧାପିକା ହର୍ଷିତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ । ସହକାରୀ ପ୍ରଫେସର ଡକ୍ଟର ସୁଜିତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆୟୋଜନ କରାଯାଇଥିବା କୁଇଜ, ପୋଷ୍ଟର ପ୍ରତିଯୋଗିତା , ଓ୍ୱାକାଥନରେ ଅଂଶ ଗ୍ରହଣ କରି ଥିବା ସଫଳ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |


Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra